ଓଡ଼ିଶାର ପ୍ରଥମ ଦୈନିକ ମଧ୍ୟାହ୍ନ ଖବରକାଗଜ
RNI NO - ORIORI/2006/19548
Visit us at : www.amarajdhani.com
ଆମ ରାଜଧାନୀ
Rs.4.00
Odisha's First Mid-Day Daily
ବର୍ଷ: ୧୯, ସଂଖ୍ୟା-୩୨, ଭୁବନେଶ୍ୱର, ୮.୪.୨୦୨୫, ମଙ୍ଗଳବାର Vol- XIX, Issue-32 Bhubaneswar, Dt 8.4.2025, Tuesday

# ୨୬ ନକ୍ସଲଙ୍କ ଆତ୍ମସମର୍ପଣ, ୩ ଜଣଙ୍କ ନାମରେ ଥିଲା ପୁରସ୍କାର




ମାଲକାନଗିରି: ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦନ୍ତେବାଡ଼ା ପୁଲିସ ନିକଟରେ ୨୬ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ପୁଲିସ ଉପ ମହାନିରୀକ୍ଷକ କମଳ ଲୋଚନ କଶ୍ୟପ,ଏସପି ଗୌରବ ରାୟ,ସିଆରପିଏଫ କମାଣ୍ଡାଣ୍ଟ ସମ୍ମୁଖରେ ରହି ନକ୍ସଲମାନେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ଜନମିଲିସିଆ କମାଣ୍ଡର ରାଜେଶ କଶ୍ୟପ ନାମରେ ୩ ଲକ୍ଷ ଟଙ୍କାର ପୁରସ୍କାର ରହିଥିବା ବେଳେ ଜନତାନା ସରକାର ଅଧକ୍ଷ କୋଷା ମାଡ଼ବି ନାମରେ ୧ ଲକ୍ଷ ଏବଂ ସିଏନଏମ ସଦସ୍ୟ ଚନ୍ଦୁ କୁଞ୍ଜମ ନାମରେ ୫୦ ହଜାର ଟଙ୍କାର ପୁରସ୍କାର ରହିଥିଲା। ସରକାରଙ୍କ ଘରକୁ ଫେରିଆସ ଯୋଜନାରେ ପ୍ରଭାବିତ ହୋଇ ନକ୍ସଲମାନେ ଆତ୍ମସମର୍ପଣ କରିଥିବା ପୁଲିସ କହିଛି। ଲଗାତାର ପୁଲିସର ଚଢ଼ାଉରେ ନକ୍ସଲ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। ପୁଲିସ ଗୁଳିରେ ମାରିବା ଅପେକ୍ଷା ହିଂସା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହୋଇ ବାକି ଜୀବନ ଖୁସିରେ ପରିବାର ଲୋକଙ୍କ ସହ କଟାଇବାକୁ ଏମାନେ ମନସ୍ଥ କରିଥିବା କୁହାଯାଇଛି। ପୁଲିସ ତରଫରୁ ନୂଆ ନିୟମ ଅନୁଯାୟୀ ସମସ୍ତଙ୍କୁ ୫୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି।

# ମହିଳା କନଷ୍ଟେବଲଙ୍କ ଆତ୍ମହତ୍ୟା

ବାଲେଶ୍ୱର: ମହିଳା କନଷ୍ଟେବଲଙ୍କ ଆତ୍ମହତ୍ୟା। ବେକରେ ରଶି ଲଗାଇ ମହିଳା କନଷ୍ଟେବଲଙ୍କ ଆତ୍ମହତ୍ୟା । ବାଲେଶ୍ୱର ପୁଲିସ ବାରାକ ଭିତରେ ଜଣେ ମହିଳା କନେଷ୍ଟବଲ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆତ୍ମହତ୍ୟା କରିଥିବା ମହିଳାଙ୍କ ନାମ ଯଶୋଦା ଦାସ। ତେବେ ବର୍ତ୍ତମାନ ସୁଦ୍ଧା ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି।

# ଅତିରିକ୍ତ ପଦବୀ ସୃଷ୍ଟି ମାମଲାର ସିବିଆଇ ତଦନ୍ତ ନିଷ୍ପତ୍ତିକୁ ରଦ୍ଦ କଲେ ସୁପ୍ରିମ୍‌କୋର୍ଟ



କୋଲକାତା: ପଶ୍ଚିମବଙ୍ଗ ସରକାର ମମତା ବାନର୍ଜୀଙ୍କୁ ବଡ଼ ଆଶ୍ୱସ୍ତି। ୨୦୨୨ ମସିହାରେ ଷ୍ଟାଫ୍ ସିଲେକ୍ସନ କମିସନ (ଏସ୍‌ଏସ୍‌ସି) ନିଯୁକ୍ତି ଅନିୟମିତତା ନେଇ ଚାଲିଥିବା ମାମଲାରେ ମଙ୍ଗଳବାର ମମତା ବାନାର୍ଜୀ ସରକାରଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ୨୦୨୨ ମସିହାରେ ଏସ୍‌ଏସ୍‌ସି ଅଧୀନରେ ଅତିରିକ୍ତ ପଦବୀ ସୃଷ୍ଟି ପାଇଁ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ପାଇଁ କଲିକତା ହାଇକୋର୍ଟଙ୍କ ନିଷ୍ପତ୍ତିକୁ ରଦ୍ଦ କରି ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଭାରତର ମୁଖ୍ୟ ବିଚାରପତି (ସିଜେଆଇ) ସଞ୍ଜିବ ଖାନ୍ନାଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଆବଶ୍ୟକୀୟ ପରାମର୍ଶ ଏବଂ ରାଜ୍ୟପାଳଙ୍କ ଅନୁମୋଦନ ପରେ ବଙ୍ଗଳା ଶିକ୍ଷା ବିଭାଗ ଦ୍ୱାରା ଅତିରିକ୍ତ ପଦବୀ ସୃଷ୍ଟି କରାଯାଇଥିବାରୁ ନ୍ୟାୟିକ ହସ୍ତକ୍ଷେପର କୌଣସି ଆବଶ୍ୟକତା ନାହିଁ। ଯେତେବେଳେ ମାମଲାଟି ହାଇକୋର୍ଟକୁ ଯାଇଥିଲା, ସେତେବେଳେ ଏହି ରାୟ ପ୍ରକାଶ ପାଇଥିଲା ଯେ ଅତିରିକ୍ତ ପଦବୀ ସୃଷ୍ଟି କରିବା 'ଆଇନଗତ ନୁହେଁ' । ତା'ପରେ ହାଇକୋର୍ଟରଙ୍କ ଡିଭିଜନ ବେଞ୍ଚ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ଏପରି ଏକ ନିଷ୍ପତ୍ତି ଗ୍ରହଣ କରିଥିବାରୁ କ୍ୟାବିନେଟର ସଦସ୍ୟମାନଙ୍କୁ ହେପାଜତକୁ ନେଇ ପଚରାଉଚରା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସୁପ୍ରିମକୋର୍ଟ ସିବିଆଇ ତଦନ୍ତକୁ ଅନୁମତି ଦେବା ପ୍ରସଂଗରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବିରତି ଦେଇଛନ୍ତି। ଶେଷରେ ଆଜି ନିର୍ଦ୍ଦେଶନାମାକୁ ଖାରଜ କରିଦେଇଛନ୍ତି ଯେ ହାଇକୋର୍ଟ ତଦନ୍ତ ନିର୍ଦ୍ଦେଶ ଦେବା ଯଥାର୍ଥ ନୁହେଁ।

# ୯ରୁ କାଳବୈଶାଖୀ ବର୍ଷା ବୃଦ୍ଧି ସମ୍ଭାବନା

ଭୁବନେଶ୍ୱର: ରବିବାର ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ ବଙ୍ଗୋପସାଗର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ୮ତାରିଖ ଯାଏଁ ଉତ୍ତରପଶ୍ଚିମ ଦିଗରେ ଗତିକରିବ। ପରବର୍ତ୍ତୀ ସମୟରେ ଏହା ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରୁ ପରବର୍ତ୍ତୀ ୪୮ଘଣ୍ଟା ଯାଏଁ ସାମାନ୍ୟ ଉତ୍ତର ଆଡ଼କୁ ଗତିକରିବା ସମ୍ଭାବନା ରହିଛି। ତେବେ ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବାର ସମ୍ଭାବନା କମ୍ ? ଥିଲେ ହେଁ ଲଘୁଚାପ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବିଶେଷ କରି ଉପକୂଳବର୍ତ୍ତୀ ଅଞ୍ଚଳ ଓ ଏହାର ସଂଲଗ୍ନ ଜିଲ୍ଲାଗୁଡ଼ିକରେ ବର୍ଷା ହେବାର ସମ୍ଭାବନା ଅଧିକ ରହିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସୋମବାର ଦକ୍ଷିଣ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ଦକ୍ଷିଣ ପଶ୍ଚିମ ଦିଗରେ ଗତି କରି ୯ ତାରିଖ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ରହିବ। ଏହା ଉତ୍ତର ଦିଗକୁ ଗତି କରି ୧୦ରେ ଓଡ଼ିଶା ଉପକୂଳଠାରୁ ଦୂରରେ ସମୁଦ୍ରରେ ରହିବ। ୯ ଓ ୧୦ ତାରିଖରେ ଏହା ଅବପାତର ରୂପ ନେବାର ସମ୍ଭାବନା ରହିଛି। ଯଦିଓ ଏହି ଲଘୁଚାପର ପ୍ରଭାବ ସିଧା ଓଡ଼ିଶା ଉପରେ ପଡ଼ିବ ନାହିଁ; କିନ୍ତୁ ଏହା ଦ୍ୱାରା ରାଜ୍ୟକୁ ସାମୁଦ୍ରିକ ପବନ ବହିବ ଓ ଏହା ପଶ୍ଚିମା ବାୟୁ ସହିତ ମିଶିବ। ଏହା ପ୍ରଭାବରେ ଉପକୂଳ ଓଡ଼ିଶା ଓ ସଂଲଗ୍ନ ଜିଲ୍ଲାମାନଙ୍କରେ ମଝିରେ ମଝିରେ କାଳବୈଶାଖୀ ଜନିତ ବର୍ଷା ହେବ। ୧୦ ତାରିଖରେ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା, ୧୩ ତାରିଖରୁ ୧୫ ତାରିଖ ମଧ୍ୟରେ ଉତ୍ତର-ଉପକୂଳ ଓ ସଂଲଗ୍ନ ଯାଜପୁର, କେନ୍ଦୁଝର, ମୟୂରଭଞ୍ଜରେ ସ୍ୱଳ୍ପ ଓ କେତେକ ସ୍ଥାନରେ ମଧ୍ୟମ ବର୍ଷା, ୧୬ ଓ ୧୭ରେ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ଓ ମୟୂରଭଞ୍ଜରେ ଅପେକ୍ଷାକୃତ ଅଧିକ ବର୍ଷା ହେବା ବେଳେ ଦକ୍ଷିଣ ଆଭ୍ୟନ୍ତରୀଣରେ କାଁ ଭାଁ ବର୍ଷା ହୋଇପାରେ। ୧୪ରୁ ସାରା ରାଜ୍ୟରେ ତାପମାତ୍ରା କମିପାରେ। ସୁନ୍ଦରଗଡ଼ ସମେତ ଉତ୍ତର ପଶ୍ଚିମ ଓଡ଼ିଶାରେ ସବୁଠାରୁ ଅଧିକ କମିବ। ଉପକୂଳରେ ଗୁଳୁଗୁଳି ବଢ଼ିବା ସହ ୧୩ ଓ ୧୪ରେ ଉତ୍ତର ଉପକୂଳ ଓ ସଂଲଗ୍ନ ଅଞ୍ଚଳର ଗୋଟିଏ ଦୁଇଟି ସ୍ଥାନରେ କୁଆପଥର ପଡ଼ିପାରେ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି।

# ବରିଷ୍ଠ ନେତାଙ୍କ ସହ ଆଲୋଚନା କଲେ ନବୀନ


## ଗଣମାଧ୍ୟମରେ ବକ୍ତବ୍ୟ ନ ରଖିବାକୁ ଅନୁରୋଧ କଲେ



ଭୁବନେଶ୍ୱର: ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ କେତେକ ବରିଷ୍ଠ ନେତା ନବୀନ ନିବସରେ ପହଞ୍ଚି ଆଲୋଚନା କରିଥିବା ଜଣାଯାଇଛି। ପ୍ରାୟ ଦେଢ ଘଣ୍ଟା ଧରି ଦଳୀୟ ନେତାଙ୍କ ସହିତ ଆଲୋଚନା କରିଛନ୍ତି ନବୀନ। ଦଳରେ ଶୃଙ୍ଖଳା ବଜାୟ ରଖିବାକୁ ନେତାମାନଙ୍କୁ ନବୀନ ପଟ୍ଟନାୟକ ପରାମର୍ଶ ଦେଇଥିବା ଜଣାଯାଇଛି।

ଏପରିକି ଗଣମାଧ୍ୟମରେ ବକ୍ତବ୍ୟ ନ ରଖିବାକୁ ନେତାଙ୍କୁ ବି ସେ ଅନୁରୋଧ କରିଛନ୍ତି। ନବୀନ ନିବାସରେ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ମିଶ୍ର, ପ୍ରତାପ ଦେବ, ଅନଙ୍ଗ ଉଦୟ ସିଂହଦେଓ, କଳିକେଶ ସିଂହଦେଓ ଓ ବବି ଦାସ ପ୍ରମୁଖ ବିଜେଡି ସଭାପତିଙ୍କ ସହ ଆଲୋଚନା କରି ବାହାରିଛନ୍ତି। ତେଣେ ଶଙ୍ଖ ଭବନରେ ଏକାଠି ହୋଇଛନ୍ତି ସମ୍ବିତ ରାଉତରାୟ ଓ ପ୍ରଣବ ବଳବନ୍ତରାୟଙ୍କ ସମେତ ଅନ୍ୟ କିଛି ପୂର୍ବତନ ଯୁବ ବିଧାୟକ। ରାଜ୍ୟସଭାରେ ଓ୍ୱାକଫ୍ ବିଲ ପ୍ରସଙ୍ଗରେ ଲୋକଙ୍କ ପାଖରେ ଦଳ ବିଶ୍ୱାସନୀୟତା ହରାଉଛି ଓ ନେତାମାନେ ପରସ୍ପର ବିରୋଧୀ ମନ୍ତବ୍ୟ ଦେବା ଦଳକୁ ଭାରି ପଡୁଛି। ବିଶୃଙ୍ଖଳା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ଦାବି କରି ସେମାନେ ବିଜେଡି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉଦେଶ୍ୟରେ ଦଳର ସମନ୍ୱୟ କମିଟ ଆବାହକ ଦେବୀ ମିଶ୍ରଙ୍କୁ ପ୍ରଦାନ କରିବେ ବୋଲି ଜଣାଯାଇଛି।

# ମେ' ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ରେଜଲ୍ଟ



କଟକ ୮।୪: ମେ' ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଇବ ମାଟ୍ରିକ୍ ରେଜଲ୍ଟ। ଖୁବଶୀଘ୍ର ଟାବୁଲେସନ୍ ପ୍ରକ୍ରିୟା ଆରମ୍ଭ ହେବ। ଟାବୁଲେସନ୍ ପରେ ପରୀକ୍ଷା ଫଳ ପ୍ରସ୍ତୁତ ଲାଗି ପ୍ରୋସେସିଂ କରାଯିବ । ମେ ମାସ ୨ୟ ସପ୍ତାହରେ ଦଶମ ଫଳ ପ୍ରକାଶନ ଲାଗି ସମୟ ଧାର୍ଯ୍ୟ କରାଯାଇଥିବା ନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

ଆହୁରି ବୋର୍ଡ ସଭାପତି କହିଛନ୍ତି ଯେ,ମାର୍ଚ୍ଚ ୧୯ରୁ ଆରମ୍ଭ ହୋଇଥିବା ମାଟ୍ରିକ୍ ଖାତା ମୂଲ୍ୟାୟନ ମାର୍ଚ୍ଚ ୩୦ ତାରିଖ ମଧ୍ୟରେ ସାରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ସେହି ସମୟ ବିଭିନ୍ନ ମୂଲ୍ୟାୟନ କେନ୍ଦ୍ର ଗୁଡ଼ିକରେ ଅନ୍ୟ ପରୀକ୍ଷା ଏବଂ ନାମଲେଖା କାର୍ଯ୍ୟକ୍ରମ ରହିଥିଲା। ତେଣୁ ମଝିରେ ୩ରୁ ୪ ଦିନ ବିଳମ୍ବ ହୋଇଥିଲା। ଧାର୍ଯ୍ୟ ସମୟ ସାମାନ୍ୟ ବିଳମ୍ବରେ ଖାତାଦେଖା ସରିଛି। ତେବେ ମେ ଦ୍ୱିତୀୟ ସପ୍ତାହ ମଧ୍ୟରେ ମାଟ୍ରିକ୍ ଫଳ ପ୍ରକାଶନ ଲାଗି ସମୟ ଧାର୍ଯ୍ୟ ରହିଥିବାରୁ ଟାବୁଲେସନ୍ ଓ ମାର୍କ ପ୍ରୋସେସିଙ୍ଗ୍ କାର୍ଯ୍ୟ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଶେଷ କରିବାକୁ ଧାର୍ଯ୍ୟ ରଖିଛନ୍ତି । ରୋଲ୍ ନମ୍ବର ଆଧାରରେ ମାର୍କ ପ୍ରୋସେସିଂ କାର୍ଯ୍ୟ ପରେ ସାର୍ଟିଫିକେଟ୍ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେବ । ଏଆଇ ଏବଂ କ୍ୟୁଆର କୋର୍ଡ ଦ୍ୱାରା ପରୀକ୍ଷା ପରିଚାଳନା ସଫଳ ହୋଇଛି। ବିଜ୍ଞାନ ପ୍ରଶ୍ନପତ୍ରରେ ୪ ମାର୍କ କମ ନେଇ କୌଣସି ସସମ୍ୟା ହେବ ନାହିଁ। ଗ୍ରେସ୍ ମାର୍କ ସମ୍ପର୍କରେ ପରିଚାଳନା କମିଟି ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ଖବର ଅନୁଯାୟୀ, ମାର୍ଚ୍ଚ ୧୯ରୁ ମାଟ୍ରିକ୍ ଖାତା ଦେଖା ଆରମ୍ଭ ହୋଇଥିଲା। ୩୦ ଜିଲାରେ ୩୧୩୩ ପରୀକ୍ଷା କେନ୍ଦ୍ର ସହ ୩୧୪ଟି ନୋଡାଲ୍ ସେଣ୍ଟର ବ୍ୟବସ୍ଥା କରାଯାଇଥିଲା। ସବୁ ସେଣ୍ଟରରେ ସିସିଟିଭି ଲାଗିଥିବା ବେଳେ ୬୦୦ ସେଣ୍ଟରରେ ଲାଇଟ୍ ? ବ୍ୟବସ୍ଥା କରାଯାଇଥିଲା। ଚଳିତ ବର୍ଷ ମୋଟ ୫ ଲକ୍ଷ ୧୦ ହଜାର ୭୭୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି।

# ଅହମ୍ମଦାବାଦରେ ପ୍ରସ୍ତୁତ ହେବ ଓଡ଼ିଶା କଂଗ୍ରେସ ରଣନୀତି, ଯୋଗଦେବେ ୪୮ ବରିଷ୍ଠ ନେତା

ଭୁବନେଶ୍ୱର,୮।୪: ଅହମ୍ମଦାବାଦରେ ପ୍ରସ୍ତୁତ ହେବ ଓଡ଼ିଶା କଂଗ୍ରେସର ଭବିଷ୍ୟତ ରଣନୀତି। ରାଜ୍ୟରେ କଂଗ୍ରେସ ଆଗକୁ କେମିତି ଅଧିକ ମଜଭୁତ ହେବ ସେ ନେଇ ଏଆଇସିସି ବୈଠକରେ ପ୍ରସ୍ତୁତ ହେବ ବ୍ଲୁ ପ୍ରିଣ୍ଟ୍। ମଙ୍ଗଳବାର ଓ ବୁଧବାର ଅହମ୍ମଦାବାଦରେ ଏଆଇସିସି ବୈଠକ ହେବ । ଏହି ବୈଠକରେ ଓଡ଼ିଶାରୁ ୪୮ ଜଣ ବରିଷ୍ଠ ନେତା ଯୋଗଦେବେ । ସେଠାରେ ରାଜ୍ୟରେ ୯ ମାସ ହେବ କଂଗ୍ରେସର କମିଟି ନଥିବା ନେଇ ହାଇକମାଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିବେ । କେମିତି ଶୀଘ୍ର କମିଟି ହେବ, କେଉଁ କେଉଁ ପ୍ରସଙ୍ଗରେ ଦଳ ରାଜ୍ୟରେ ଲଢ଼େଇ ଜାରି ରଖିବ, ଏସବୁ ପ୍ରସଙ୍ଗରେ ନୀତି ନିର୍ଦ୍ଧାରଣ କରାଯିବ । ଏଆଇସିସି ବୈଠକରେ ଯୋଗ ଦେବା ପାଇଁ ପିସିସି ସଭାପତି ଭକ୍ତଚରଣ ଦାସ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଶରତ ପଟ୍ଟନାୟକ,ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ,ବିଧାୟକ ରମେଶ ଜେନା, ପୂର୍ବତନ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି ପ୍ରମୁଖ ଅହମ୍ମଦାବାଦ ଗସ୍ତ କରିଛନ୍ତି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଶୀଘ୍ର ଓଡ଼ିଶା ଆସିବେ । ଏମାନଙ୍କ ଗସ୍ତକୁ ଲକ୍ଷ୍ୟ ରଖି ରାଜଧାନୀରେ ହେବ ବିଶାଳ କାର୍ଯ୍ୟକ୍ରମ । ଏ ନେଇ ପିସିସି ସଭାପତି ଭକ୍ତଙ୍କ ସହ ଆଲୋଚନା ହୋଇଥିବା ସୁର ରାଉତରାୟ ସୂଚନା ଦେଇଛନ୍ତି । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଏଆଇସିସି ସାଧାରଣ ଅଧିବେଶନରେ ସାରା ଦେଶରେ କଂଗ୍ରେସର ଆଗାମୀ ଦିନର ରଣନୀତି ଚୂଡ଼ାନ୍ତ ହେବ । ୨୦୨୯ରେ କଂଗ୍ରେସ କେମିତି ବିଭିନ୍ନ ରାଜ୍ୟରେ ଓ ଦେଶରେ ଆସିବ, ସେ ବାବଦରେ ଆଲୋଚନା କରାଯିବ । ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବା ନେଇ ଆଲୋଚନା ହେବ ବୋଲି ବିଶ୍ୱ କହିଛନ୍ତି । ଉଲ୍ଲେଖଯୋଗ୍ୟ, ୨୦୨୪ ଜୁଲାଇ ୨୧ରୁ ରାଜ୍ୟରେ ନାହିଁ କଂଗ୍ରେସ କମିଟି । ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏହି କମିଟିକୁ ସେତେବେଳେ ଭାଙ୍ଗିଥିଲେ। ଯାହା ଆଜି ପର୍ଯ୍ୟନ୍ତ ଗଢ଼ାଯାଇନି । ଯଦିବା ଏଆଇସିସି ସଭାପତି ଗତ ଫେବ୍ରୁଆରୀ ୧୧ରୁ ନୂଆ ପିସିସି ସଭାପତି ଭାବେ ଭକ୍ତଚରଣ ଦାସଙ୍କୁ ନିଯୁକ୍ତି ଦେଇଛନ୍ତି, ହେଲେ ଏ ପର୍ଯ୍ୟନ୍ତ ରାଜ୍ୟରେ କଂଗ୍ରେସ କମିଟି ଗଢ଼ା ଯାଇପାରିନି ।

CMYK

ଆମ ରାଜଧାନୀ

# ସମ୍ପାଦକୀୟ...

## ଖଣି ମାଫିଆଙ୍କ ଅର୍ଥରେ ରାଜନୀତି

ଓଡ଼ିଶାରେ ଖଣିଜ କାରବାରର ବ୍ୟାପକତା ସହିତ ଏହି କାରବାର ପଛରେ ଏକ ବଡ଼ ଧରଣର ମାଫିଆ ପ୍ରାୟ ସବୁ ଅଂଚଳରେ କାର୍ଯ୍ୟ କରୁଛନ୍ତି । ସେ ଲଘୁ ଖଣିଜ ହେଉ ବା ଭାରୀ ଖଣିଜ ହେଉ ସବୁ କ୍ଷେତ୍ରରେ ବେଆଇନ ଅର୍ଥର ନେଣଦେଣ ଏପରି ଭାବରେ ଚାଲିଛି ଯେ, ଓଡ଼ିଶାରେ ଏକ ସମାନ୍ତର କଳା ଅର୍ଥନୀତି ଏହିମାନେ ଚଳାଇଛନ୍ତି । ଯେହେତୁ ଏହି କଳାକାରବାରରେ ରୋଜଗାର ହେଉଥିବା ବିପୁଳ ବେଆଇନ ଅର୍ଥ ସବୁ ସ୍ତରରେ ଥିବା ପ୍ରଭାବଶାଳୀ ଲୋକମାନଙ୍କୁ ସେମାନଙ୍କ ସ୍ଥିତି ଅନୁସାରେ ଦିଆଯାଉଛି ତେଣୁ ଏହି କାରବାର ବିଷୟରେ ବେଳେ ବେଳେ କିଛି ବକ୍ତବ୍ୟ ଦିଆଯିବା ଛଡ଼ା ଏହି କାରବାର ସମ୍ପୂର୍ଣ୍ଣ ରାଜ୍ୟରୁ ବନ୍ଦ ହୋଇଯିବା କେହି ଚାହାନ୍ତିନି । କାରଣ ଏହି ଅର୍ଥ ବିନା ଓଡ଼ିଶାରେ ଆଉ ରାଜନୀତି ଚାଲିବା ସମ୍ଭବ ହେବନାହିଁ । ଗୋଟିଏ ସମୟରେ ଓଡ଼ିଶାରେ ଜଙ୍ଗଲ ମାଫିଆ, କେନ୍ଦୁପତ୍ର ମାଫିଆ ଓ ଶାଳମଞ୍ଜି ମାଫିଆମାନେ ରାଜନୀତିକୁ ନିୟନ୍ତ୍ରଣ କରୁଥିଲେ । କିନ୍ତୁ ସେମାନଙ୍କର ଆର୍ଥିକ ଆକାର ଏତେ ବଡ଼ ନଥିଲା । କିନ୍ତୁ ଓଡ଼ିଶାରେ ଖଣି କାରବାରରେ ମାଫିଆମାନଙ୍କ ରାଜୁତି ବଢ଼ିବା ପରେ ଓଡ଼ିଶା ରାଜନୀତି ପୁରାପୁରୀ ଗ୍ରାମାଂଚଳରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଏପରିକି କେନ୍ଦ୍ରସ୍ତର ପର୍ଯ୍ୟନ୍ତ ବ୍ୟାପିଯାଇଛି । ଓଡ଼ିଶାରେ ଲଘୁ ଖଣିଜ କାରବାରରେ କେତେ ପରିମାଣର ବେଆଇନ କାର୍ଯ୍ୟ ଚାଲିଛି ସେ ସମ୍ପର୍କରେ କେତେକ ସୂଚନା ନିକଟରେ ସିଏଜିଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଯଦି ଏହି କ୍ଷେତ୍ରରେ ପୂରାମାତ୍ରାରେ ସଠିକ୍ ଭାବରେ କାମ ହୁଏ ଓ ରାଜସ୍ୱ ଆଦାୟ ହୁଏ, ତେବେ ଏହି କ୍ଷେତ୍ରରୁ ଏବେ ଯେତିକି ରାଜସ୍ୱ ମିଳୁଛି ତାହା ଅତି ସହଜରେ ଦ୍ୱିଗୁଣିତ ହୋଇପାରିବ । ଏଥିରେ ଯେତିକି ଅଂଚଳ ପାଇଁ ବାଲି, ପଥର ବା ଚିପ୍ସ୍ ପ୍ରଭୃତିର ଉତୋଳନ କରାଯାଏ, ଅଲିଖିତ ଭାବରେ ତାହାର ବହୁଗୁଣ ଲଘୁଖଣିଜ ପଦାର୍ଥ ଉତୋଳିତ ହେବା କଥା ସମସ୍ତଙ୍କୁ ଜଣାଅଛି । ଯେଉଁ ଖଣି ବେପାରୀମାନେ ଏହି କାର୍ଯ୍ୟ କରୁଛନ୍ତି ସେମାନେ ସରକାରୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଜନୈତିକ ଅଧିକାରୀମାନଙ୍କୁ ସେମାନଙ୍କ ଭାଗ ପ୍ରଦାନ କରନ୍ତି । କିନ୍ତୁ ଏହି ବେଆଇନ ଖଣିଜ କାରବାର ସହିତ ଗ୍ରାମାଂଚଳର ରାଜନୀତି ଅତିମାତ୍ରାରେ ଜଡ଼ିତ ହୋଇଥିବାରୁ ଏହାକୁ ନେଇ ବିଭିନ୍ନ ଗୋଷ୍ଠୀର ଗୁଣ୍ଡାମାନଙ୍କର ମାରପିଟ ହୁଏ । ଏ ହିଂସାକାଣ୍ଡ ବେଳେ ବେଳେ ଅତ୍ୟନ୍ତ ଭୟାନକ ବି ହୁଏ ।

ଏହି ଓଡ଼ିଶାର ବେଆଇନ ଖଣି କାରବାରରେ ସୁନ୍ଦରଗଡ଼ ଅଂଚଳରୁ ଚୋରା କୋଇଲା ଉତୋଳନ କାର୍ଯ୍ୟ ସଂକ୍ରାନ୍ତରେ ଗଣମାଧ୍ୟମରେ ପ୍ରକାଶ ପରେ ଏକ ନୂଆ ତନାଘନା ଆରମ୍ଭ ହୋଇଛି । ଗୋପାଳପୁର ଅଂଚଳରେ ଏହି ଖଣି ସଂକ୍ରାନ୍ତରେ ରିପୋର୍ଟ ବାହାରିବା ପରେ ଦେଖାଗଲା ଯେ, ସେ ଅଂଚଳରେ ଥିବା ରିଜର୍ଭ ଫରେଷ୍ଟ ଭିତରେ ବର୍ଷ ବର୍ଷ ଧରି ଚୋରା କୋଇଲା ଉତୋଳନ କରାଯାଉଛି ଓ ସେଗୁଡ଼ିକ ଟ୍ରକ୍ ଯୋଗେ ବାହାରକୁ ପଠାଯାଉଛି । ଏହା ସମସ୍ତେ ଜାଣନ୍ତି ଯେ, କୋଇଲା ବାସ୍ତବରେ କେହି ଚୋରି କରି ବିକ୍ରି କରିଦେବା ସହଜ ନୁହେଁ । ଜଙ୍ଗଲ ଭିତରେ ଥିବା କୋଇଲା ଖଣିରୁ ବିନା ଅନୁମୋଦନରେ ବର୍ଷ ବର୍ଷ ଧରି କୋଇଲା ଉତୋଳନ ହେବା ଓ ସେଗୁଡ଼ିକ ଟ୍ରକ୍ ଯୋଗେ ବାହାରକୁ ପଠାଯିବା ସମୟରେ ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ, ପୋଲିସ୍ ପ୍ରଶାସନ ଓ ଖଣି ବିଭାଗ ଏହା ଜାଣିପାରିଲା ନାହିଁ କିପରି ? ଅସଲକଥା ହେଉଛି ଏହି ଅଧିକାରୀମାନଙ୍କର ଜ୍ଞାତସାରରେ ହିଁ ଏହି ଚୋରା କାରବାର ସୁନ୍ଦରଗଡ଼ ଜଙ୍ଗଲ ଭିତରେ ବର୍ଷ ବର୍ଷ ଧରି ଏହି ବିଭାଗର ଅଧିକାରୀମାନଙ୍କ ସୁରକ୍ଷାରେ ହିଁ ଚାଲିଛି । ରାଜନୈତିକ ଅଧିକାରୀମାନେ ଏ ବିଷୟରେ ଭଲ ଭାବରେ ଜାଣନ୍ତି ଓ ସେମାନଙ୍କ ଇଙ୍ଗିତରେ ହିଁ ଏ କାରବାର ଚାଲିଥିବାରୁ ବିଭିନ୍ନ ବିଭାଗର ଅଧିକାରୀମାନେ ସେମାନଙ୍କ ପ୍ରାପ୍ୟ ପାଇଁ ମୁହଁ ଫେରାଇ ନୀରବରେ ବସି ରହନ୍ତି । ଯିଏ ଅଧିକାରୀ ଆସିଲେ ତାଙ୍କର ବଦଳି ପରେ ଆଉ ଯିଏ ଆସିଲେ ସମସ୍ତେ ଏହି ଗୋଟିଏ ବ୍ୟବସ୍ଥାର ଅଂଶ ଭାବରେ କାମ କରନ୍ତି । କିନ୍ତୁ ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ବିସ୍ତୃତ ରିପୋର୍ଟ ପ୍ରକାଶ ପରେ ଖଣି ବିଭାଗ ଓ ପୋଲିସ୍ ବେଶ୍ ସକ୍ରିୟ ହୋଇଯାଇଛି । ପୋଲିସ୍ ପକ୍ଷରୁ ଖଣି ମାଫିଆ କାରବାର ସଂପୃକ୍ତ ୧୦ଜଣଙ୍କୁ ଚିହ୍ନଟ କରାଯାଇଛି । ଏହି ୧୦ ଜଣଙ୍କ ଭିତରେ ପ୍ରଭାବଶାଳୀ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ନାମ ବି ରହିଛି । ଏବେ ସୁନ୍ଦରଗଡ଼ ଜଙ୍ଗଲରେ ଯେତେଗୁଡ଼ିଏ ଚୋରା କୋଇଲା ଖଣି ରହିଛି ସେଗୁଡ଼ିକ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ଦେଖାଯାଉଛି ଏହିସବୁ ଖଣିଗୁଡ଼ିକରୁ ବହୁ ପରିମାଣର କୋଇଲା ଉତୋଳିତ ହୋଇ ବାହାରକୁ ପଠାଯାଇଛି । ଏହି ଚୋରା କୋଇଲାର ପରିମାଣ କେତେ ତାହାର ହିସାବ କରାଯାଉଛି । ହେଲେ ଯେହେତୁ ଏହି କାରବାରରେ ପ୍ରଶାସନିକ, ଜଙ୍ଗଲ, ରାଜସ୍ୱ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହିତ ରାଜନେତା ସଂପୃକ୍ତ ଅଛନ୍ତି, ସେହେତୁ ସେମାନଙ୍କୁ ଚିହ୍ନଟ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିମନ୍ତେ ଏହା ଉପରେ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଟିମ୍ ଗଠିତ ହେବା ଉଚିତ୍ । ନିଜେ ମୁଖ୍ୟ ଶାସନ ସଚିବ ଏହି ଏସ୍ଆଇଟିକୁ ମନିଟରିଂ କରିବା ଦରକାର । ଅବଶ୍ୟ ଓଡ଼ିଶା ପାଇଁ ବେଆଇନ ଖଣିଜ ଅର୍ଥ ରାଜନୀତି ପାଇଁ ଅପରିହାର୍ଯ୍ୟ ହୋଇଥିବାରୁ କୌଣସି ସରକାର ଏହାକୁ କେବେ ବି ସଂପୂର୍ଣ୍ଣ ବନ୍ଦ କରିବନାହିଁ ।

# ମୁକ୍ତ ବାଣିଜ୍ୟର ଶେଷ ସମୟ

ରବିନାରାୟଣ ପଣ୍ଡା

ବିଶ୍ୱରେ ତାରିଫ ଯୁଦ୍ଧ ଭୟଙ୍କର ଦିଗକୁ ଗତି କରୁଛି । ଟ୍ରମ୍ପ ଆମେରିକାର ରାଷ୍ଟ୍ର ମୁଖ୍ୟ ହେବା ପରେ ବିଶ୍ୱର ଆର୍ଥିକ ନୀତି, ଯୋଗାଣ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଛି । ବିଶ୍ୱର ଅନେକ ରାଷ୍ଟ୍ର ମୁଖ୍ୟଙ୍କୁ ଏହି ନୂତନ ସ୍ଥିତି ବ୍ୟସ୍ତ, ବିବ୍ରତ କରିଦେଇଛି । ବ୍ରିଟିଶ ପ୍ରଧାନମନ୍ତ୍ରୀ ଷ୍ଟାମରଙ୍କ ଭାଷାରେ ବୈଶ୍ୱିକରଣ ସମାପ୍ତ ହେବାକୁ ଯାଉଛି । ସେ କହିଛନ୍ତି, 'ଯେଉଁ ଦୁନିଆକୁ ଆମେ ଜାଣିଥିଲେ ତାହା ସମାପ୍ତ ହୋଇଯାଇଛି । ଏକ କଷ୍ଟକର ସମୟର ସମ୍ମୁଖୀନ ହେବା ପାଇଁ ଆମକୁ ପ୍ରସ୍ତୁତ ହୋଇଯିବାକୁ ପଡ଼ିବ' । ସିଂଗାପୁର ପ୍ରଧାନମନ୍ତ୍ରୀ ଲାରିନ୍ସ ୱେଗ କହିଛନ୍ତି, 'ମୁକ୍ତ ବାଣିଜ୍ୟର ସମୟ ସମାପ୍ତ ହୋଇ ଯାଇଛି । ଏବେ ସମ୍ପୂର୍ଣ୍ଣ ଦୁନିଆ ଏକ ନୂଆ ଯୁଗରେ ଜିଉଁଛି, ଯାହା ବିପଦପୂର୍ଣ୍ଣ ହେବାର ଅଛି' । ସ୍ପଷ୍ଟ ରୂପରେ ବିଶ୍ୱ ଏକ ନୂତନ ବ୍ୟବସାୟିକ ଯୁଦ୍ଧ ଆଡ଼କୁ ଟାଣି ହୋଇଯାଉଛି । ଯୋଗାଣ ଶୃଙ୍ଖଳା ପ୍ରଭାବିତ ହେବ । ଉତ୍ପାଦନର ସ୍ଥାନ ପରିବର୍ତ୍ତନ ହେବ, ଯେଉଁଥି ପାଇଁ ଅନେକ ଶ୍ରମିକ ବେରୋଜଗାର ହେବେ । ସିଙ୍ଗାପୁର ଭଳି ଛୋଟ ଛୋଟ ଦେଶର ଆର୍ଥିକ ସ୍ଥିତି ଖରାପ ହୋଇଯିବ । ଅଯଥା ପ୍ରତିଯୋଗିତା ବଢ଼ିବ । ୧୯୯୧ ମସିହାରେ ସୋଭିଏତ ୟୁନିଅନ ପତନ ପରେ ବିଶ୍ୱରେ ବୈଶ୍ୱିକରଣ ପ୍ରାରମ୍ଭ ହେଲା । ବିଦେଶୀ ବସ୍ତୁ ପାଇଁ ଅନେକ ଦେଶ ଦ୍ୱାର ଉନ୍ମୁକ୍ତ କଲେ । ବିଦେଶୀ ବସ୍ତୁ ଉପରେ କର (ଟାରିଫ୍ ?)କମିବାରେ ଲାଗିଲା । ଅନେକ ଦେଶ ନିଜ ନିଜ ଭିତରେ ମୁକ୍ତ ବାଣିଜ୍ୟ ଚୁକ୍ତି କଲେ । ମୁକ୍ତ ବାଣିଜ୍ୟ ପାଇଁ ଅନେକ ବୈଶ୍ୱିକ ସଂଗଠନ ତିଆରି ହେଲା । ସମ୍ପୂର୍ଣ୍ଣ ଦୁନିଆ ଗୋଟିଏ ବଜାରରେ ପରିଣତ ହୋଇଗଲା । ବିଦେଶୀ ବସ୍ତୁ ଶସ୍ତା ହେବାରେ ଲାଗିଲା । ଦେଶଗୁଡ଼ିକ ଭିତରେ ପରସ୍ପରିକ ସମ୍ପର୍କ ବଢ଼ିବା ଆରମ୍ଭ କଲା, ସେହି ଅନୁସାରେ ବ୍ୟାପାର ବଢ଼ିବା ଆରମ୍ଭ ହେଲା । ବିଶ୍ୱରେ ଏକ ନୂତନ ବ୍ୟବସ୍ଥା ଛିଡ଼ା ହେଲା । ଭାରତ ଭଳି ଦେଶ ଆରମ୍ଭରୁ କ୍ଷତି ସହି ଧୀରେ ଧୀରେ ପ୍ରତିଯୋଗିତାରେ ଆଗକୁ ବଢ଼ିଲେ । ବଡ଼ ବଡ଼ ଦେଶକୁ ପଛରେ ପକେଇ ଭାରତୀୟମାନେ ନିଜ ବସ୍ତୁ ବିଶ୍ୱ ବଜାରରେ ବିକ୍ରି କରିବାରେ ସଫଳ ହୋଇଗଲେ । ୯୦ ଦଶକରେ ବିଶ୍ୱ ବଜାରକୁ ନିୟନ୍ତ୍ରଣ କରୁଥିବା ଆମେରିକା, ଜାପାନ, ଜର୍ମାନ ଓ ଇଂଲଣ୍ଡ ଆଦି ଦେଶ ଧୀରେ ଧୀରେ ପଛରେ ପଡ଼ିବା ଆରମ୍ଭ କଲେ । ଆମେରିକାର ଅର୍ଥଶାସ୍ତ୍ରୀ ନିଜର ବିପର୍ଯ୍ୟୟ ପାଇଁ ଭାରତ, ଚୀନ, କୋରିଆକୁ ଦାୟୀ କରିବା ଆରମ୍ଭ କରିଦେଲେ । ଭବିଷ୍ୟତ ବିପଦରୁ ରକ୍ଷା ପାଇବା ପାଇଁ ଟ୍ରମ୍ପ ମୁକ୍ତ ବାଣିଜ୍ୟରୁ ଓହରି ଯାଇ ଟାରିଫ ଯୁଦ୍ଧ ଘୋଷଣା କରିଦେଲେ । ୬୦ଟି ଦେଶ ଉପରେ ନୂତନ ଶୁଳ୍କ ଲଗେଇଦେଲେ । ଚୀନ ଭଳି ଦେଶ ଉପରେ ୫୪% ଶୁଳ୍କ ଲଗେଇଦେଲେ । ଭାରତ ଉପରେ ୨୬% ସୀମା ଶୁଳ୍କ ଲାଗିଗଲା । ଅବଶ୍ୟ ଭାରତ ଲାଭରେ ରହିବ ବୋଲି ଆଶା କରାଯାଉଛି । ଚୀନ ଉପରେ ଅଧିକ ଶୁଳ୍କ ଲାଗିଥିବାରୁ ଭାରତ ବସ୍ତୁ ଆମେରିକା ବଜାରରେ ଅପେକ୍ଷାକୃତ ଶସ୍ତା ହେବ । ଅନ୍ୟ ଏକ ଦିଗ ହେଉଛି ବିଶାଳ ବଜାର ପାଇଁ ଭାରତ ନିକଟରେ ବିଶାଳ ଜନସଂଖ୍ୟା ଅଛି, ଯାହା ଭାରତକୁ ପ୍ରତିଯୋଗିତା କରିବା ପାଇଁ ସହାୟକ ହେବ । ସୀମାଶୁଳ୍କ ମାଧ୍ୟମରେ ପ୍ରତ୍ୟେକ ଦେଶ ନିଜ ଦେଶର ଶିଳ୍ପ ଓ ଉତ୍ପାଦନକୁ ସୁରକ୍ଷା ଦେବା ପାଇଁ ଚେଷ୍ଟା କରନ୍ତି । ସୀମାଶୁଳ୍କ କାରଣରୁ ବାହାର ଦେଶର ବସ୍ତୁ ଘରୋଇ ବଜାରରେ ମହଙ୍ଗା ହୋଇଯାଏ । ଘରୋଇ ଉଦ୍ୟୋଗକୁ ପ୍ରତିଯୋଗିତା କରିବା ପାଇଁ ସହଜ ହୁଏ । ଆମଦାନୀ କମ ହେଲେ ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ କମ ପଡ଼େ । ନିଜ ଦେଶ ମୁଦ୍ରାର ଅବମୂଲ୍ୟାୟନକୁ ରୋକଯାଇ ପାରେ । ଏମିତି ଅନେକ କାରଣ ଥାଏ ସୀମାଶୁଳ୍କ ବୃଦ୍ଧି ପାଇଁ । ୟୁରୋପିଅନ ୟୁନିଅନ ଆମେରିକା ବସ୍ତୁ ଉପରେ ୩୯% ଶୁଳ୍କ ଆଦାୟ କରୁଥିଲା । ତେଣୁ ଆମେରିକା ବାଧ୍ୟ ହୋଇ ୨୦% ସୀମାଶୁଳ୍କ ଲଗେଇଛି । ଆମେରିକା ଉପରୁ କାମ୍ବୋଡ଼ିଆ ୯୭%, ଭିଏତନାମ ୯୦%, ବାଂଲାଦେଶ ୭୪% ସୀମାଶୁଳ୍କ ଆଦାୟ କରୁଥିଲେ । ଏବେ ଆମେରିକା ଜବାବି ରାସ୍ତା ବାହାର କରି କାମ୍ବୋଡ଼ିଆ ଠାରୁ ୪୯%, ଭିଏତନାମ ଠାରୁ ୪୬% ଓ ବାଂଲାଦେଶଠାରୁ ୩୭% ସୀମାଶୁଳ୍କ ଆଦାୟ କରିବା ପାଇଁ ସ୍ଥିର କରିଛି । ଯେଉଁ ଦେଶ ଆମେରିକା ଉପରୁ ଯେତିକି ସୀମା ଶୁଳ୍କ ଆଦାୟ କରୁଛନ୍ତି ପ୍ରାୟ ତାର ଅଧା ଶୁଳ୍କ ଆଦାୟ କରିବା ପାଇଁ ଆମେରିକା ଯୋଜନା କରିଛି ।


ବିଗତ ୩୦ ବର୍ଷରେ ସୀମାଶୁଳ୍କ ଏକ ଆର୍ଥିକ ଷଡ଼ଯନ୍ତ୍ରରେ ପରିଣତ ହୋଇଗଲା । ଏହି ଷଡ଼ଯନ୍ତ୍ରରେ ଅଧିକ ଶିକାର ହେଲା ଆମେରିକା । ଆମେରିକାକୁ ଅଧିକ ଶିକାର କଲା ଚୀନ । ଆମେରିକା ବଜାର ଚୀନ ମାଲରେ ଭର୍ତ୍ତି ହୋଇଗଲା । ଆମେରିକାର ବେରୋଜଗାର ଶତାବ୍ଦୀର ଉଚ୍ଚ ସୀମାରେ ପହଁଚି ଗଲା । ଟାରିଫ ଯୁଦ୍ଧ କରିବା ପଛରେ ଆମେରିକାର ବିବସତା ମଧ୍ୟ ଥିଲା । ଚୀନ ଆମେରିକା ବସ୍ତୁ ଉପରୁ ୬୭% ସୀମା ଶୁଳ୍କ ଆଦାୟ କରୁଥିଲା ଯାହା ଆମେରିକା ପାଇଁ ବହୁତ ଅଧିକ ଥିଲା । ଚୀନ ଆମେରିକା ବଜାରରେ ଶସ୍ତାରେ ନିଜ ବସ୍ତୁ ବିକ୍ରି କରୁଥିଲା ଠିକ ସେହି ସମୟରେ ଆମେରିକା ବସ୍ତୁ ଉପରୁ ଅଧିକ ସୀମାଶୁଳ୍କ ଆଦାୟ କରୁଥିଲା । ଆମେରିକା ବସ୍ତୁ ଏତେ ଅଧିକ ଦାମ ହୋଇଯାଉଥିଲା ଯେ ଚୀନ ବଜାରରେ ବିକ୍ରି ହୋଇ ପାରୁନଥିଲା । ଚୀନର ଅତ୍ୟଧିକ ଲୋଭଖୋର ମନୋବୃତି ଓ ଆର୍ଥିକ ସାମ୍ରାଜ୍ୟବାଦ, ମୁକ୍ତ ବାଣିଜ୍ୟ ପାଇଁ ଘାତକ ହେଲା । ବିଶ୍ୱର ମୁକ୍ତ ବାଣିଜ୍ୟର ସମାପ୍ତି ପାଇଁ ଚୀନ ପରୋକ୍ଷରେ ଦାୟୀ ଅଟେ । ଆର୍ଥିକ ଯୁଦ୍ଧ ଏତେ ଭୟଙ୍କର ସ୍ତରକୁ ଚାଲି ଯାଇଛି ଯେ ଏହାକୁ ସମାପ୍ତ କରି ମୁକ୍ତ ବାଣିଜ୍ୟ ପ୍ରତିଷ୍ଠା କରିବା ଆଉ ସମ୍ଭବପର ନୁହେଁ । ବର୍ତ୍ତମାନ ସ୍ଥିତିରେ ଚୀନ ପଛ ଘୁଂଚା ଦେବା ନୀତିରେ ନାହିଁ । ଅଧିକ ଆକ୍ରମକ ନୀତି ଗ୍ରହଣ କରି ବିଶ୍ୱ ବଜାର ଦଖଲ ପାଇଁ ଗୋଟିଏ ପରେ ଗୋଟିଏ ନୀତି ତିଆରି କରୁଛି । ବିଶେଷ କରି ଚୀନର ଆର୍ଥିକ ସାମ୍ରାଜ୍ୟବାଦ ଏପରି ଏକ ବ୍ୟବସ୍ଥାକୁ ସମାପ୍ତ କରିବା ପାଇଁ ଦାୟୀ ବୋଲି କୁହାଯାଇପାରିବ । ତେଣୁ ସଂପୂର୍ଣ୍ଣ ବିଶ୍ୱକୁ ଏପରି ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ ।

ଭଦ୍ରକ, ଫୋ- ୯୪୩୭୦୧୭୮୫୭

# ୧୦ ବର୍ଷରେ ପଦାର୍ପଣ କଲା ମୁଦ୍ରା ଯୋଜନା

## ଅନେକଙ୍କ ସ୍ୱପ୍ନକୁ ସତ କରିଛି ଏହି ଯୋଜନା : ମୋଦୀ

ନୂଆଦିଲ୍ଲୀ: ୧୦ ବର୍ଷରେ ପଦାର୍ପଣ କଲା ମୁଦ୍ରା ଯୋଜନା । ମୋଦୀ ସରକାରଙ୍କ ବହୁ ଚର୍ଚ୍ଚିତ ଯୋଜନା ଭିତରେ ମୁଦ୍ରା ଯୋଜନା ଥିବା ବେଳେ ଏହା ୧୦ ବର୍ଷରେ ପାଦ ଦେଇଛି । ଆଉ ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ମୁଦ୍ରା ଲାଭାର୍ଥୀଙ୍କୁ ନିଜ ଦିଲ୍ଲୀ ସ୍ଥିତ ବାସଭବନକୁ ଡାକି ସେମାନଙ୍କ ସହ ଆଲୋଚନା କରିଛନ୍ତି ଏବଂ ମୁଦ୍ରା ଯୋଜନା ସେମାନଙ୍କ ଆର୍ଥିକ ସ୍ଥିତିକୁ କେତେ ଲାଭଦାୟକ ସାଜିଲା ସେମାନଙ୍କ ଅନୁଭୂତି ପଚାରିଛନ୍ତି ଆଉ ହିତାଧିକାରୀମାନେ ମଧ୍ୟ ମୋଦୀଙ୍କୁ ନିଜର ସଙ୍ଘର୍ଷମୟ ଜୀବନରୁ ସଫଳତାର କାହାଣୀ କହିଛନ୍ତି । ତେବେ ଏହି ଅବସରରେ ମୋଦୀ କହିଛନ୍ତି, ଅତିଥିମାନେ ଘରକୁ ଆସିଲେ ଘର ପବିତ୍ର ହୁଏ, ଆଜି ଆପଣମାନେ ଆଗମନ କରିଥିବାରୁ ସମସ୍ତଙ୍କୁ ସ୍ୱାଗତ । ତେବେ ୮ ଜୁଲାଇ ୨୦୧୫ରେ ଆରମ୍ଭ ହୋଇଥିଲା ମୁଦ୍ରା ଯୋଜନା । ମୋଦୀ ସରକାରଙ୍କ ଏହି ଯୋଜନାରେ ୩୩ କୋଟି ଟଙ୍କା ଦେଶର ବିଭିନ୍ନ ହିତାଧିକାରୀଙ୍କୁ ବିନା ଗ୍ୟାରେଣ୍ଟିରେ ଦିଆଯାଇ ସାରିଲାଣି । ଲାଭାର୍ଥୀଙ୍କୁ ମୋଦୀ କହିଛନ୍ତି- ଦେଶର ସାଧାରଣ ଲୋକଙ୍କୁ ୩୩ ଲକ୍ଷ କୋଟି ଟଙ୍କା ଦିଆଯାଇଛି । ଭାରତର ଯୁବପିଢ଼ିଙ୍କ ପାଖରେ ଅନେକ ଉଦ୍ୟୋଗୀ



ଦକ୍ଷତା ରହିଛି ଯଦି ସେମାନଙ୍କୁ ଟିକିଏ ସାହାଯ୍ୟ ମିଳେ ତାହାଲେ ସେମାନେ ସଫଳ ହୋଇପାରିବେ । ଏହି ଦୃଷ୍ଟିରୁ ମୁଦ୍ରା ଯୋଜନା ସେମାନଙ୍କ ପାଇଁ ଏକ ସାହସ ସାଜିଛି । ମୁଦ୍ରା ଯୋଜନା ଅନେକଙ୍କ ସ୍ୱପ୍ନକୁ ସାକାର କରିଛି । ଯେକୌଣସି ସରକାରଙ୍କ ପାଇଁ ମୁଦ୍ରା ଯୋଜନା ଆଖି ଖୋଲିଦେବା ଭଳି ଯୋଜନା । ଏଥିରେ ସର୍ବାଧିକ ସଂଖ୍ୟକ ମହିଳା ଆଗକୁ ଆସିଛନ୍ତି ଆଉ ସେମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଇତି ମଧ୍ୟରେ ମୁଦ୍ରା ଯୋଜନା ଦଶ ବର୍ଷରେ ପାଦ ଥାପିଛି । ସାଧାରଣତଃ ବିଭିନ୍ନ ସରକାର ବିଭିନ୍ନ ଯୋଜନା କରି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରନ୍ତି । ତାପରେ ସେମାନେ କିଛି ଲୋକଙ୍କୁ ଡାକି ଦୀପ ଜାଳି ଏହାର ଶୁଭାରମ୍ଭ କରନ୍ତି, ଲୋକମାନେ ତାଳି ବଜାନ୍ତି ଏବଂ ପରେ ଏହା ଖବରକାଗଜରେ ବାହାରେ ଏବଂ କିଛି ଦିନ ପରେ ଏହାକୁ କେହି ପଚାରନ୍ତି ନାହିଁ, ସମସ୍ତେ ଭୁଲିଯାଆନ୍ତି । ହେଲେ ଆମ ସରକାର ଦଶ ବର୍ଷ ପରେ ବି ଯୋଜନାର ଫଳାଫଳ ଉପରେ ମୂଲ୍ୟାଙ୍କନ କରୁଛି । ଆମେ ହିତାଧିକାରୀମାନଙ୍କୁ ସେମାନଙ୍କ ଅଭିଜ୍ଞତା ବିଷୟରେ ପଚାରୁଛୁ ଏବଂ ଯଦି ଏଥିରେ କୌଣସି ପରିବର୍ତ୍ତନ ଆଣିବାର ଆବଶ୍ୟକତା ଅଛି, ତେବେ ଆମେ ସେହି ଦିଗରେ ମଧ୍ୟ ଆଗକୁ ବଢ଼ିବୁ ବୋଲି ମୋଦୀ କହିଛନ୍ତି । ଏହି ଅବସରରେ ସମବେତ ଲାଭାର୍ଥୀମାନେ ମୁଦ୍ରା ଯୋଜନାକୁ ନେଇ ନିଜ ନିଜ ଅନିଭୂତି ବଖାଣିଥିଲେ ।

CMYK

# ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ ଚାହିଁ ଚାହିଁ ଜଳକା ହେଲାଣି ଓଡ଼ିଶା, ସଙ୍କଟରେ ମହାନଦୀ

ଭୁବନେଶ୍ୱର: ମହାନଦୀ ଜଳଧାରକୁ ରୋକି ଛତିଶଗଡ଼ ବ୍ୟାରେଜ, ଆନିକଟ ଓ ଜଳଭଣ୍ଡାର ନିର୍ମାଣ କରୁଛି। କେନ୍ଦ୍ରୀୟ ଜଳ ଆୟୋଗ, କେନ୍ଦ୍ର ସରକାର, ବିବାଦର ସମାଧାନ ନିମନ୍ତେ ଗଠିତ ଟ୍ରିବ୍ୟୁନାଲ ସବୁ ଦେଖି ବି ଚୁପ୍ ରହୁଛନ୍ତି। ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ ଚାହିଁ ଚାହିଁ ଓଡ଼ିଶା ଜଳକା ହେଲାଣି, ମହାନଦୀ ଜଳଧାର କ୍ଷୀଣ ହେଲାଣି; ତଥାପି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଟ୍ରିବ୍ୟୁନାଲର ପୂର୍ବ ଅଧ୍ୟକ୍ଷଙ୍କ ସମୟରେ ଓଡ଼ିଶାକୁ ନ୍ୟାୟ ମିଳିଲା ନାହିଁ। ନୂଆ ଅଧ୍ୟକ୍ଷ ରୂପେ ଜଷ୍ଟିସ ବେଲା ଏମ୍ ତ୍ରିବେଦୀ ନିଯୁକ୍ତି ପାଇବା ପରେ ଶୁଣାଣି ତ୍ୱରାନ୍ୱିତ ହୋଇ ସମାଧାନର ରାସ୍ତା ବାହାରିବ ବୋଲି ଆଶା କରାଯାଉଥିଲା, ମାତ୍ର ତାହା ମଧ୍ୟ ସମ୍ଭବ ହୋଇ ପାରିଲା ନାହିଁ। ନୂଆ ଅଧ୍ୟକ୍ଷଙ୍କ ନିଯୁକ୍ତି ୪ ମାସ ପୂରିବାକୁ ବସିଥିଲେ ମଧ୍ୟ ଗୋଟିଏ ବି ଶୁଣାଣି ହୋଇ ପାରିଲା ନାହିଁ। ୪ ମାସ ପୂର୍ବରୁ ସ୍ଥିତି ଯାହା ଥିଲା, ଏବେ ବି ବିବାଦର ସ୍ଥିତି ସେଇଆ ରହିଛି। କୌଣସି ମଧ୍ୟବର୍ତ୍ତୀକାଳୀନ ରାୟ ନ ଆସିବା ଫଳରେ ମହାନଦୀର ଭାଗ୍ୟ ଓ ଭବିଷ୍ୟତ କ୍ରମଶଃ ଅନ୍ଧକାର ଆଡ଼କୁ ଟାଣି ହୋଇଯାଉଛି।

ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ମହାନଦୀ ବିବାଦର ତ୍ୱରିତ୍ ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବା ନେଇ ଆଶା କରାଯାଉଥିଲା। ମାତ୍ର ଗତ ୧୦ ମାସ ମଧ୍ୟରେ ମହାନଦୀ ପ୍ରସଙ୍ଗରେ ସେପରି କିଛି ଉଲ୍ଲେଖନୀୟ ଅଗ୍ରଗତି ଘଟିନାହିଁ। ଗତ ମାସ ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ମହାନଦୀ ଜଳ ବିବାଦ ମାମଲା ସମ୍ପର୍କରେ ଆଲୋଚନା କରିଥିବା କୁହାଯାଉଥିଲା। ବୈଠକରେ ଉଭୟ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଏହି ବିଷୟରେ ଶାନ୍ତିପୂର୍ଣ୍ଣ ସମାଧାନ ରାସ୍ତା ବାହାର କରିବାକୁ ଏକମତ ମଧ୍ୟ ହୋଇଥିଲେ। ମାତ୍ର ଏ ସମ୍ପର୍କରେ ଏଯାଏ ମଧ୍ୟ କୌଣସି ଅଗ୍ରଗତି ହୋଇ ପାରିଲା ନାହିଁ। ମହାନଦୀ ବିବାଦ ଟ୍ରିବ୍ୟୁନାଲରେ ସମାଧାନ ସମ୍ଭବ କି ନୁହେଁ ତାହା ଭିନ୍ନ କଥା। ମାତ୍ର କୌଣସି ଟ୍ରିବ୍ୟୁନାଲ ଆନ୍ତଃରାଜ୍ୟ ଜଳ ବିବାଦର ସମାଧାନ କରିଥିବାର ନଜିର ନାହିଁ। ଏହି ପରିପ୍ରେକ୍ଷୀରେ ଟ୍ରିବ୍ୟୁନାଲ କେବଳ ସମୟ ଗଡ଼ାଇବା ପାଇଁ ଏକ ମାଧ୍ୟମ ବୋଲି ବିଶେଷଜ୍ଞମାନେ ସନ୍ଦେହ କରୁଛନ୍ତି। ଗତ ଡିସେମ୍ବର ୧୩ ତାରିଖରେ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ପଦ ନିଯୁକ୍ତି ପୂର୍ବରୁ ୯ ମାସ ଧରି ଏହି ପଦବୀ ଖାଲି ପଡ଼ିଥିଲା। ବିଭିନ୍ନ ମହଲରେ ଏନେଇ କ୍ଷୋଭ ପ୍ରକାଶ ପାଇବା ପରେ ଶେଷରେ ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀଙ୍କୁ ଏହି ପଦରେ ଅବସ୍ଥାପିତ କରାଯାଇଛି। ମାତ୍ର ଏହା ପରେ ମଧ୍ୟ ଟ୍ରିବ୍ୟୁନାଲ ମହାନଦୀ ବିବାଦ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିବା ରାଜ୍ୟବାସୀଙ୍କୁ ବିବ୍ରତ କରିଛି। ୨୦୧୮ ମସିହାରେ ଟ୍ରିବ୍ୟୁନାଲ ଗଠନ ହେବା ପରେ ମହାନଦୀ ମାମଲା ଯେପରି ଲମ୍ବିତ ହେବାରେ ଲାଗିଛି, ତାହାକୁ ନେଇ ବିଶେଷଜ୍ଞ ଏବଂ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଇତିମଧ୍ୟରେ ମୋଟ ୩୬ଟି ଶୁଣାଣି ସରିଥିବା ବେଳେ ଟ୍ରିବ୍ୟୁନାଲ କୌଣସି ଅନ୍ତରୀଣ ଆଦେଶ ଦେବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି। ଏପରିସ୍ଥଳେ ରାଜ୍ୟରେ ନୂଆ ସରକାର ଏବଂ ନୂଆ ଅଧ୍ୟକ୍ଷଙ୍କଠାରୁ ଢେର ଆଶା ରଖାଯାଇଥିଲା। ମାତ୍ର ଉଭୟେ ଏନେଇ ତତ୍ପରତା ପ୍ରକାଶ ନକରିବା ଏବଂ ବିବାଦର ସମାଧାନ କେବଳ ଆଲୋଚନାରେ ସୀମିତ ରହିବା ମହାନଦୀର ଭାଗ୍ୟକୁ ଆହୁରି ଅନ୍ଧାରକୁ କ୍ରମଶଃ ଠେଲି ଦେଉଛି।

ମହାନଦୀ ବଞ୍ଚାଅ, ଓଡ଼ିଶା ବଞ୍ଚାଅ ଅଭିଯାନର ଆବାହାକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ମହାନଦୀ ଜଳବିବାଦ ମାମଲାରେ କେନ୍ଦ୍ର ସରକାର ଆରମ୍ଭରୁ ନିଜ ଦାୟିତ୍ୱ ନିର୍ବାହ କରିନାହାନ୍ତି। ଯାହାଫଳରେ ବିଗତ କିଛି ବର୍ଷ ଧରି ଓଡ଼ିଶା ପ୍ରବଳ କ୍ଷତି ସହି ଆସୁଛି। ଟ୍ରିବ୍ୟୁନାଲରେ ତାରିଖ ପରେ ତାରିଖ ଗଡ଼ି ଚାଲିଥିବା ବେଳେ ଗତ ମାସରେ ନୂଆ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦିଆଗଲା। ଉଭୟ ରାଜ୍ୟରେ ପୂର୍ବରୁ ଟ୍ରିବ୍ୟୁନାଲ ସରଜମିନ୍ ତଦନ୍ତ କରିସାରିଛନ୍ତି। ତେଣୁ ନୂଆ ଅଧ୍ୟକ୍ଷ ସମସ୍ତ ରିପୋର୍ଟକୁ ଅନୁଧ୍ୟାନ କରି ତୁରନ୍ତ ରାୟ ପ୍ରଦାନର ଆବଶ୍ୟକତା ରହିଛି। ମାତ୍ର ଏନେଇ ଟ୍ରିବ୍ୟୁନାଲ ନିରବ ରହିବା ଦୁର୍ଭାଗ୍ୟଜନକ । ଏହି ପରିପ୍ରେକ୍ଷୀରେ ମହାନଦୀ ବଞ୍ଚାଅ, ଜୀବୀକା ବଞ୍ଚାଅ ଅଭିଯାନ ପକ୍ଷରୁ ଓଡ଼ିଶା ଓ ଛତିଶଗଡ଼ ସମେତ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟକୁ ଖୁବଶୀଘ୍ର ସ୍ମାରକପତ୍ର ପ୍ରଦାନ କରିବ। ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡକୁ ମଧ୍ୟ ସ୍ମାରକ ପତ୍ର ପ୍ରଦାନ କରାଯିବ। ମହାନଦୀର ସ୍ୱାର୍ଥ ସହ ଆଦୌ ସାଲିସ୍ କରାଯିବ ନାହିଁ ବୋଲି ଅଭିଯାନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି।

## ଦେବାଶିଷ ସାମନ୍ତରାୟଙ୍କୁ କଡ଼ା ସମାଲୋଚନା



ଭୁବନେଶ୍ୱର: ଦଳୀୟ ସାଂସଦଙ୍କ ସମାଲୋଚନାର ଶିକାର ହେଲେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ। ନିଜର ବିବାଦୀୟ ମନ୍ତବ୍ୟକୁ ନେଇ ଦେବାଶିଷ ସମାଲୋଚନାର ଶିକାର ହୋଇଛନ୍ତି। ବିଜେଡିର ୩ ସାଂସଦ ଦେବାଶିଷଙ୍କୁ କଡା ସମାଲୋଚନା କରିଛନ୍ତି। ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ସମେତ ସୁଲତା ଦେଓ ଏବଂ ନିରଞ୍ଜନ ବିଶି ସୋସିଆଲ ମିଡିଆରେ ଦେବାଶିଷ ସାମନ୍ତରାୟଙ୍କୁ କଡା ସମାଲୋଚନା କରିଛନ୍ତି। ୧୦ମାସ ପୂର୍ବରୁ ରାଜନୀତିରୁ ସନ୍ୟାସ ନେଇସାରିଥିବା ବ୍ୟକ୍ତିଙ୍କ ବିଷୟରେ କାହିଁକି ଆଲୋଚନା କରୁଛନ୍ତି ବୋଲି ଲେଖି ନିଜ ଏକ୍ସ ହ୍ୟାଣ୍ଡେଲରେ ଦେବାଶିଷଙ୍କୁ ପ୍ରଶ୍ନ କରିଛନ୍ତି ସାଂସଦ ମାନସ ମଙ୍ଗରାଜ। ଦଳୀୟ ବୈଠକ କିମ୍ବା ରାଜନୈତିକ କାମରେ ସାମିଲ ହୋଉନାହାନ୍ତି ପାଣ୍ଡିଆନ। ଦଳର ସର୍ବମାନ୍ୟ ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ଦଳୀୟ ପ୍ରସଙ୍ଗରେ ସବୁ ନିଷ୍ପତି ନବୀନ ହିଁ ନେଉଛନ୍ତି। ଯାହାର ଯାହା ଅଭିଯୋଗ ନବୀନଙ୍କୁ ଜଣାଇବା କଥା। ବରିଷ୍ଠ ନେତାମାନେ ଦଳର ସଭାପତିଙ୍କୁ ଭେଟି ନିଜର ସମସ୍ୟା ଜଣାଉଛନ୍ତି। ଦେବାଶିଷ ସାମନ୍ତରାୟ ଏହା ନକରି ଗଣମାଧ୍ୟମକୁ ଯାଉଛନ୍ତି, ରାଜନୀତିରୁ ସନ୍ୟାସ ନେଇଥିବା ଜଣେ ବ୍ୟକ୍ତିଙ୍କ ବିରୋଧରେ ବାରମ୍ବାର କହୁଛନ୍ତି। ନ୍ୟସ୍ତ ସ୍ୱାର୍ଥ ପାଇଁ ମନ୍ଦ ଉଦ୍ଦେଶ୍ୟ ରଖି ଦେବାଶିଷ ଏଭଳି ମନ୍ତବ୍ୟ ଦେଉଥିବା କହି ଏକ୍ସରେ କଡା ସମାଲୋଚନା କରିଛନ୍ତି ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ସେହିପରି ସାଂସଦ ସୁଲତା ଦେଓ ଏବଂ ନିରଞ୍ଜନ ବିଶି ମଧ୍ୟ ସାମାଜିକ ଗଣମାଧ୍ୟମରେ ଦେବାଶିଷଙ୍କ ମନ୍ତବ୍ୟକୁ ନେଇ ବର୍ଷିଛନ୍ତି। ସୁଲତା ନିଜ ପୋଷ୍ଟରେ ଲେଖିଛନ୍ତି , ପୁଲୱାମା ଆଟାକରେ ସହିଦ ମନୋଜ କୁମାର ବେହେରାଙ୍କ କକାଙ୍କୁ ଦେବାଶିଷ ସାମନ୍ତରାୟ ଧକ୍କା ମାରିବା ପରେ କ୍ଷମା ମାଗିବାକୁ ତତକାଳିନ ସମୟରେ ପାଣ୍ଡିଆନ ଚା ପକାଇଥିଲୋାହା ଲରେ ସେବେଠାରୁ ଦେବାଶିଷ ସାମନ୍ତରାୟଙ୍କ ରାଗ ପାଣ୍ଡିଆନଙ୍କ ଉପରେ ଥିଲା। ପୁନଶ୍ଚ ପାର୍ଲିଆମେଂଟରେ ଭୋଟ୍ ? ଦାନ ରାତି କୌଣସି କାରଣରୁ ଦେବାଶିଷ ଶୋଇ ପଡିବାରୁ ନିଜ ଭୁଲ ଲୁଚାଇବାକୁ ଅନ୍ୟକୁ ଦୋଷ ଦେଉଛନ୍ତି। ନବୀନ ନିବାସରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି ବୋଲି ସୁଲତା ନିଜ ପୋଷ୍ଟରେ ଲେଖିବା ସହ ଏଭଳି କାମରୁ ନିବୃତ ରହିବାକୁ ଦେବାଶିଷଙ୍କୁ ଅନୁରୋଧ କରିଛନ୍ତି। ସେହିପରି ନିରଞ୍ଜନ ବିଶି ଲେଖିଛନ୍ତି, ଭି. କାର୍ତିକେୟନ ପାଣ୍ଡିଆନ ବହୁତ ଦିନ ହେଲା ରାଜନୀତିରୁ ବିଦାୟ ନେଇସାରିଛନ୍ତି। କିନ୍ତୁ ୱାକ ବିଲ ବିଷୟରେ ତାଙ୍କୁ ଅଥାରେ ବଦନାମ କରାଯାଉଛି। ସାଂସଦ ଦେବାଶିଷ ସାମନ୍ତରାୟଙ୍କ ବିବୃତିକୁ ନିନ୍ଦା କରିବା ସହ କିଛି ଅଭିସନ୍ଧି ରଖି ଦେବାଶିଷ ଏକଥା କହୁଛନ୍ତି ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ନିରଞ୍ଜନ।




ଓଡ଼ିଶାକୁ ଅବହେଳା ପ୍ରତିବାଦରେ ଆଜାଦ ହିନ୍ଦ୍ ବାହିନୀର ଦିଲ୍ଲୀ ଚଲୋ ଡାକରା

## ଚଳିତ ମାସ ଶେଷ ସୁଦ୍ଧା ଦଳର ସାଂଗଠନିକ ନିର୍ବାଚନ ସଂପୂର୍ଣ୍ଣ ହେବ: ବିଜେଡି



ଭୁବନେଶ୍ୱର: ଚଳିତ ମାସ ଶେଷ ସୁଦ୍ଧା ବିଜୁ ଜନତା ଦଳର ସାଙ୍ଗଠନିକ ନିର୍ବାଚନ ସଂପୂର୍ଣ୍ଣ ହେବ ବୋଲି ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜୁ ଜନତା ଦଳର ରାଜ୍ୟ ନିର୍ବାଚନ ଅଧିକାରୀ ତଥା ବିରୋଧୀ ଦଳର ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ। ଶ୍ରୀ ଦେବ କହିଥିଲେ ଯେ, ୬ଟି ପର୍ଯ୍ୟାୟରେ ହେବାକୁ ଥିବା ଦଳର ସାଂଗଠିକ ନିର୍ବାଚନ ମଧ୍ୟରୁ ୩ୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରକ୍ରିୟା ନିମନ୍ତେ ଆଜି ୩୩ଟି ସାଂଗଠନିକ ଜିଲ୍ଲାର ନିର୍ବାଚନ ଅଧିକାରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୁବଶୀଘ୍ର ଜିଲ୍ଲା ସଭାପତି ଚୟନ କାର୍ଯ୍ୟ ସମାପ୍ତ ହେବ। ଏହା ପରେ ୫ମ ପର୍ଯ୍ୟାୟରେ ରାଜ୍ୟ ପରିଷଦ ଓ ରାଜ୍ୟ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ଦଳର ସଭାପତି ନିର୍ବାଚନ କାର୍ଯ୍ୟ ସଂପୂର୍ଣ୍ଣ ହେବ। ଏହି ନିର୍ବାଚନ ପ୍ରକ୍ରିୟାରେ ତୃଣମୂଳ ସ୍ତରରୁ ରାଜ୍ୟସ୍ତର ଯାଏଁ ଦଳର ଯୁବ, ଛାତ୍ର, ମହିଳା ଓ ସାଧାରଣ ଛାମୁଆଁ ସଂଗଠନର ସଦସ୍ୟମାନେ ସକ୍ରିୟ ଭାବେ ଭାଗ ନେଉଛନ୍ତି। ରାଜ୍ୟର ସମସ୍ତ ପଞ୍ଚାୟତ, ବ୍ଲକ ଓ ସହରାଞ୍ଚଳର ୱାର୍ଡ ଏବଂ ସହରାଞ୍ଚଳ ସଭାପତି ଓ ସମସ୍ତ କମିଟି ଗଠନ କାର୍ଯ୍ୟ ସଂପୂର୍ଣ୍ଣ ହୋଇଯାଇଛି। ଦଳର ଅଦ୍ୱିତୀୟ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ରାଜ୍ୟବାସୀଙ୍କ ପାଇଁ ସର୍ବଦା କାର୍ଯ୍ୟ କରୁଥିଲା, କରୁଛି ଏବଂ ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟ ଦୃଢ଼ତାର ସହ ଜାରି ରହିବ। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ଗଣମାଧ୍ୟମ ମୁଖ୍ୟ ସଂଯୋଜକ ପ୍ରତାପ ଜେନା, କାର୍ଯ୍ୟକ୍ରମ ରୂପାୟନ କମିଟି ଅଧ୍ୟକ୍ଷ ସଂଜୟ କୁମାର ଦାସବର୍ମା, ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ରହି ସାଂଗଠନିକ ନିର୍ବାଚନ ଉପରେ ଆଲୋକପାତ କରିଥିଲେ।

## ଚୀନକୁ ଟ୍ରମ୍ପଙ୍କ ଟାରିଫ୍ ଧମକ: ସାଙ୍ଘାତିକ ସ୍ଥିତିରେ ଚୀନ-ଆମେରିକା ଶୁଳ୍କ ଯୁଦ୍ଧ, ୫୦ ପ୍ରତିଶତ ଲଗାଇଲେ ଟ୍ରମ୍ପ

ୱାସିଙ୍ଗଟନ ଡିସି: ଚୀନକୁ ଖୋଲା ଧମକ ଦେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଚୀନ ଉପରେ ଅତିରିକ୍ତ ୫୦ ପ୍ରତିଶତ ଟାରିଫ୍ ଲଗାଇବ ଆମେରିକା । ୩୪ ପ୍ରତିଶତ ଟାରିଫରୁ ନ ଓହରିଲେ ୫୦ ପ୍ରତିଶତ ଲଗାଇବାକୁ ଖୁଲମଖୁଲା ଧମକ ଦେଇଛନ୍ତି ଟ୍ରମ୍ପ । ତେବେ ବିଶ୍ୱରେ ଟାରିଫକୁ ନେଇ ଯୁଦ୍ଧ ସ୍ଥିତି ଉପୁଜିଥିବା ବେଳେ ଚୀନ-ଆମେରିକା ମୁହାଁମୁହିଁ ହୋଇଛନ୍ତି । ବେଜିଂ ଆମେରିକା ଉପରେ ୩୪ ପ୍ରତିଶତ ଶୁଳ୍କ ଲଗାଇବା ଘୋଷଣା କରିବାର ୪୮ ଘଣ୍ଟା ନ ପୂରୁଣୁ ଡୋନାଲ୍ଡ ଟ୍ରମ୍ପ ଚୀନ ଉପରେ ଅତିରିକ୍ତ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଫଳରେ ଚୀନ ସାମଗ୍ରୀ ଉପରେ ଆମେରିକାର ମୋଟ ଟାରିଫ ୯୪ ପ୍ରତିଶତ ଛୁଇଁଛି । ପୂର୍ବରୁ ୩୪ ପ୍ରତିଶତ ଟାରିଫ ସହ ନୂଆ ୫୦ ପ୍ରତିଶତ ଏହାଛଡ଼ା ସବୁ ଦେଶ ଉପରେ ୧୦ ପ୍ରତିଶତ ଗ୍ଲୋବାଲ ଟାରିଫକୁ ମିଶାଇ ଚୀନ ଉପରେ ୯୪ ପ୍ରତିଶତ ଶୁଳ୍କ ଲଗାଇଛି ଆମେରିକା ।ଯେସାକୁ ତେସା ନୀତିରେ ବିଶ୍ୱାସ ରଖୁଥିବା ବିଶ୍ୱର ଦୁଇ ଶକ୍ତିଶାଳୀ ନେତାଙ୍କ ଟାରିଫ ଯୁଦ୍ଧ ଆଗକୁ ବିଶ୍ୱ ବଜାରକୁ ଅଧିକ ପ୍ରଭାବିତ କରିବ । ସେପଟେ ଜବାବରେ ଜିନପିଙ୍ଗ ପୁଣି ଟାରିଫ ବୃଦ୍ଧି କରିପାରନ୍ତି ବୋଲି କୁହାଯାଉଛି । ଯଦି ଏଭଳି ହୁଏ ଭାରତକୁ ଫାଇଦା ମିଳିବ । ଟ୍ରମ୍ପଙ୍କ ଶୁଳ୍କ ଉପରେ ୯୦ ଦିନର ରୋକ ଲାଗିପାରେ ବୋଲି ଚର୍ଚ୍ଚା ଭିତରେ ଏଭଳି ଘୋଷଣା କରିଛି ଆମେରିକା । ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁଁ ବିଶ୍ୱର ସବୁ ଦେଶ ପ୍ରଭାବିତ ହୋଇଛନ୍ତି । ଆମେରିକା ସମେତ ଭାରତର ସେୟାର ବଜାର କ୍ରାସ ହୋଇଛି । ଫଳରେ ନିବେଶକମାନେ ଚିନ୍ତାରେ ପଡିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପ୍ରିଲ ୨ରେ ବିଶ୍ୱର ବିଭିନ୍ନ ଦେଶକୁ ଟାର୍ଗେଟ କରି ପାଲଟା ଶୁଳ୍କ ଘୋଷଣା କରିଥିଲେ । ଅଟୋ ମୋବାଇଲ, ଦୁଗ୍ଧ, ଇସ୍ପାତ ଏବଂ ଇଲେକ୍ଟ୍ରୋନିକ୍ସ ଭଳି କ୍ଷେତ୍ର ଏହି ଶୁଳ୍କ ଦ୍ୱାରା ବିପଦରେ ପଡ଼ିଛି । ରାଷ୍ଟ୍ରପତି ଚୀନରୁ ଆମଦାନୀ ଉପରେ ୩୪ ପ୍ରତିଶତ ଏବଂ ୟୁରୋପୀୟ ସଂଘରୁ ଆମଦାନୀ ଉପରେ ୨୦ ପ୍ରତିଶତ ନୂଆ ଶୁଳ୍କ ଲାଗୁ କରିଛନ୍ତି । ଦୁହେଁ ଆମେରିକାର ପ୍ରମୁଖ ବାଣିଜ୍ୟ ସହଯୋଗୀ । ଏଥିସହିତ ସେ ଭାରତ ଉପରେ ୨୬ ପ୍ରତିଶତ ରିହାତି ଶୁଳ୍କ ଘୋଷଣା କରିଛନ୍ତି । ଯେଉଁ ସବୁ ଦେଶ ଉପରେ ଆମେରିକା ପ୍ରତିଶୋଧମୂଳକ ଶୁଳ୍କ ଲଗାଇଛି ତାହାର ତାଲିକା ୧୦%ରୁ ୪୯% ପର୍ଯ୍ୟନ୍ତ ରହିଛି। ଚୀନ୍ ଉପରେ ୩୪%, ୟୁରୋପୀୟ ସଂଘ ଉପରେ ୨୦%, ଦକ୍ଷିଣ କୋରିଆ ଉପରେ ୨୫%, ଜାପାନ ଉପରେ ୨୪%, ଭିଏତନାମ ଉପରେ ୪୬%, ତାଇୱାନ ଉପରେ ୩୨%, ଶ୍ରୀଲଙ୍କା ଉପରେ ୪୪% ଏବଂ ପାକିସ୍ତାନ ଉପରେ ୨୯% ରେସିପ୍ରୋକଲ ଟାରିଫ ନେଇ ଘୋଷଣା କରିଛନ୍ତି ଟ୍ରମ୍ପ । ଏହାକୁ ନେଇ ବିଶ୍ୱବ୍ୟାପି ଅସନ୍ତୋଷ ଦେଖାଦେଇଛି । ବିରୋଧ ପ୍ରଦର୍ଶନ ବି ହୋଇଛି ।

# ଏମ୍ସରେ ଦଲାଲଙ୍କ ଭରସାରେ ରୋଗୀ, ରାତିରୁ ଆସିଲେ ବି ଟିକେଟ୍ ମିଳୁନି



ଖଣ୍ଡଗିରି: ଗୁଣାତ୍ମକ ଚିକିତ୍ସା ପାଇଁ ଏମ୍ସ ଭୁବନେଶ୍ୱରକୁ ପ୍ରତିଦିନ ଓଡ଼ିଶା ତଥା ଓଡ଼ିଶା ବାହାରୁ ହଜାର ହଜାର ରୋଗୀ ଆସୁଛନ୍ତି। ହେଲେ ଓପିଡି ଟିକେଟ୍ ଖଣ୍ଡେ ପାଇବା ଲାଗି ଓଡ଼ିଆଙ୍କୁ ଉପେକ୍ଷିତ ହେଉଥିବା ଅଭିଯୋଗ ହେଉଛି। ବାହାର ରାଜ୍ୟର ଲୋକଙ୍କ ତୁଳନାରେ ଓଡ଼ିଆମାନେ ତୁଳନାତ୍ମକ ଭାବେ କମ୍ ଓପିଡି ଟିକେଟ୍ ପାଉଛନ୍ତି। ବିଶେଷକରି ପଶ୍ଚିମବଙ୍ଗର ଏମ୍ସ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନଥିବାରୁ ବହୁ ସଂଖ୍ୟକ ବଙ୍ଗାଳୀ ରୋଗୀ ପୂର୍ବ ରାତିରୁ ଆସି ଡେରାପକାଇ ଟିକେଟ୍ ହାତେଇ ନେଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଏମ୍ସରେ ପ୍ରତିଦିନ ହାରାହାରି ୩ହଜାର ରୋଗୀଙ୍କ ଲାଗି ଓପିଡି ଟିକେଟ୍? ଉପଲବ୍ଧ ହେଉଛି। ଏଥିମଧ୍ୟରୁ ୨୦ ପ୍ରତିଶତ ଅନ୍‌ଲାଇନ୍ ବୁକିଂ ପାଇଁ ରହୁଛି। ଅଫ୍‌ଲାଇନ୍ ଟିକେଟ୍ ବୁକିଂ ପାଇଁ ମହିଳା, ପୁରୁଷ, ବରିଷ୍ଠ ନାଗରିକ ଓ ବିଏସ୍‌କେୱାଇ ଭଳି ୪ଟି ବର୍ଗରେ ରୋଗୀ ଲାଇନ୍ ଲଗାଉଛନ୍ତି। ତେବେ ଏହି ରୋଗୀଙ୍କ ଭିତରେ ଓଡ଼ିଆ ଲୋକଙ୍କ ସଂଖ୍ୟା ତିନି ଭାଗରୁ ଭାଗେ। ଅର୍ଥାତ୍ ତିନି ହଜାର ରୋଗୀଙ୍କ ମଧ୍ୟରୁ ହଜାରେ ଓଡ଼ିଆ, ଦେଢ଼ହଜାର ବଙ୍ଗାଳୀ ଓ ଅବଶିଷ୍ଟ ରୋଗୀ ଅନ୍ୟ ରାଜ୍ୟମାନଙ୍କରୁ ଆସୁଛନ୍ତି। ଏଥିରୁ ସ୍ପଷ୍ଟ ଯେ ପଶ୍ଚିମବଙ୍ଗର ଲୋକମାନେ ଏମ୍ସ୍ ଭୁବନେଶ୍ୱର ଉପରେ ଅଧିକ ନିର୍ଭରଶୀଳ।

ପ୍ରତିଦିନ ରୋଗୀଙ୍କ ସଂଖ୍ୟା ଦେଖି ଓପିଡି ଟିକେଟ୍ ଉପଲବ୍ଧ ହୋଇଥାଏ। ଗେଟ୍ ଖୋଲିବା ମାତ୍ରେ ଦେଢ଼ି ଯାଇ କିଭଳି ଆଗ ଟିକେଟ୍ ରଖିବେ ସେ ନେଇ ପ୍ରତିଯୋଗିତା ଚାଲୁଛି। ଟିକେଟ୍ ନମିଳିଲେ ଆହୁରି ଦିନଟିଏ ଅପେକ୍ଷା କରିବାକୁ ହେବ। ଏଥିପାଇଁ ଏଠାରେ ଦଲାଲଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଦଲାଲମାନେ ମୁଖ୍ୟତଃ ପଶ୍ଚିମବଙ୍ଗର ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଟାର୍ଗେଟ୍ କରି ଚଢ଼ା ଦରରେ ଓପିଡି ଟିକେଟ୍ ଯୋଗାଉଛନ୍ତି। ଲମ୍ବା ଲାଇନ୍ ଲଗାଇବା ଅପେକ୍ଷା ଦଲାଲଙ୍କୁ ହାତ କରି ସୁବିଧାରେ ଟିକେଟ୍ ପାଇବା ପାଇଁ ୧୦ଟଙ୍କିଆ ଟିକେଟ୍‌ର ଦାମ୍ ଏକ ହଜାର ଟଙ୍କାରେ ପହଞ୍ଚିଛି।

ଆଜି ବୌଦ୍ଧ ଜିଲ୍ଲାରୁ ଆସିଥିବା ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ କହିଛନ୍ତି, ଏଠାରେ ଓଡ଼ିଶାର ରୋଗୀମାନଙ୍କୁ ଅବହେଳା କରାଯାଉଛି। ଭୋର୍ ୪ଟାରୁ ଆସି ଲାଇନ୍ ଲଗାଇଥିଲା ବେଳେ ମେଡିସିନ୍ ଓପିଡି ଟିକେଟ୍ ଶୀଘ୍ର ସରିଯିବାରୁ ହଇରାଣ ହୋଇଛୁ। ପୁଣି ଆଉ ଗୋଟିଏ ଦିନ ଅପେକ୍ଷା କରିବାକୁ ହେବ। ଟିକେଟ୍ ନିମଳିବାରୁ ବାରମ୍ବାର ଯା'ଆସ କରି ଖର୍ଚ୍ଚାନ୍ତ ହେବାକୁ ପଡୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଓପିଡି ଟିକେଟ୍ ବୃଦ୍ଧି କରିବା ସହିତ ଏଥିରେ ଓଡ଼ିଆଙ୍କ ପାଇଁ ନିର୍ଦ୍ଦିଷ୍ଟ ସଂଖ୍ୟା ସଂରକ୍ଷଣ କରିବାକୁ ସେ ଦାବି କରିଛନ୍ତି। ଅନୁରୂପ ଭାବେ ପଶ୍ଚିମବଙ୍ଗରୁ ନିଜ ଭଉଣୀଙ୍କ ପାଇଁ ଏମ୍ସ ଆସିଥିବା ଦତ୍ତାତ୍ରେୟ ଭଟ୍ଟାଚାର୍ଯ୍ୟ କହିଛନ୍ତି କାର୍ଡିଓଲୋଜିରେ ଏମ୍ସ ଭୁବନେଶ୍ୱରର ନାଁ ଭଲ ରହିଛି। ଏଣୁ ଦୂର ହେଉ ପଛେ ଭଉଣୀଙ୍କ ଚିକିତ୍ସା କରିବାକୁ ଆସିଛି। ଭୁବନେଶ୍ୱରର ଏମ୍ସ ଅଧୀକ୍ଷକ ଦିଲୀପ କୁମାର ପରିଡ଼ା ଏହି ଅଭିଯୋଗକୁ ଖଣ୍ଡନ କରିକହିଛନ୍ତି, ଏମ୍ସ ଏକ ଜାତୀୟ ପ୍ରତିଷ୍ଠାନ ହେତୁ ଓପିଡି ଟିକେଟ୍ ପାଇଁ କାହାକୁ ମନା କରିହେବ ନାହିଁ। ପଶ୍ଚିମବଙ୍ଗରୁ ବହୁ ସଂଖ୍ୟାରେ ରୋଗୀ ଆସୁଛନ୍ତି ସତ, ମାତ୍ର ଓଡ଼ିଆ ରୋଗୀଙ୍କୁ ଚିକିତ୍ସାରେ କୌଣସି ପ୍ରକାର ଅବହେଳା କରାଯାଉନାହିଁ। ସଭିଙ୍କୁ ଗୁଣାତ୍ମକ ଚିକିତ୍ସା ଯୋଗାଇ ଦେବାକୁ ଏମ୍ସ ଭୁବନେଶ୍ୱର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

# ରାଜଧାନୀରେ ଜାଲ ବିଛାଇଛନ୍ତି ସାଇବର୍ ଠକ: ୩ମାସରେ ନେଇଗଲେ ୧୨କୋଟି

ଭୁବନେଶ୍ୱର: ରାଜଧାନୀରେ ମାତିଛନ୍ତି ସାଇବର୍ ଲୁଟେରା। ଗତ ତିନିମାସରେ ସାଇବର୍ ଲୁଟେରା ୧୨କୋଟିରୁ ଅଧିକ ଟଙ୍କା ଠକି ନେଇଥିବା ତଥ୍ୟରୁ ଜଣାପଡ଼ିଛି। ହେଲେ ଲୁଟେରାଙ୍କ ପାଖରୁ ମାତ୍ର ଅଢ଼େଇ କୋଟି ଟଙ୍କା ଫେରାଇ ଆଣିବାରେ ସାଇବର୍ ଥାନା ସକ୍ଷମ ହୋଇଛି। ଦିନକୁ ଦିନ ଠକେଇର ନୂଆ ଉପାୟ ବାହାରୁଥିବା ବେଳେ ମୋଟ୍ ଠକେଇ ରାଶି ତୁଳନାରେ ମାତ୍ର ୨୫ ପ୍ରତିଶତ ଟଙ୍କା ଫେରିପାରିଛି। ଗତ ଜାନୁଆରି ମାସରେ ଭୁବନେଶ୍ୱର ସାଇବର୍ ଥାନାରେ ମୋଟ୍ ୪୨୪ଟି ଠକେଇ ଅଭିଯୋଗ ଆସିଥିଲା। ସେଥିରୁ ୨୦୫ଟି ୟୁପିଆଇ, ୫୯ଟି କ୍ରେଡିଟ୍ କାର୍ଡ ଓ ଡେବିଟ୍ କାର୍ଡ, ୯୦ଟି ସୋସିଆଲ୍ ମିଡିଆ ସମ୍ବନ୍ଧୀୟ ଠକେଇ ଅଭିଯୋଗ ହୋଇଥିଲା। ତେବେ ଏଗୁଡ଼ିକ ମଧ୍ୟରୁ ମାତ୍ର ୨୭ଟି ମାମଲା ରୁଜୁ ହୋଇଥିଲା ବେଳେ ଅନ୍ୟଗୁଡ଼ିକୁ କେସ୍ ଡାଏରି କରାଯାଇଛି। ତେବେ ମୋଟ୍ ଅଭିଯୋଗରୁ ଅପରାଧୀମାନେ ୬କୋଟିରୁ ଅଧିକ ଟଙ୍କା ଲୁଟିଥିବା ଜଣାପଡ଼ିଛି। ସେଥିରୁ ମାତ୍ର ଦେଢ଼ କୋଟି ଟଙ୍କା ଫେରାଇ ଅଣାଯାଇପାରିଛି। ସେହିପରି ଫେବ୍ରୁଆରି ମାସରେ ମୋଟ୍ ୩୧୧ଟି ଠକେଇ ଅଭିଯୋଗ ଆସିଥିଲା ବେଳେ ୧୫ଟି ମାମଲା ରୁଜୁ ହୋଇଛି। ଅଭିଯୋଗ ମଧ୍ୟରୁ ୧୯୮ଟି ୟୁପିଆଇ, ୪୨ଟି କ୍ରେଡିଟ୍ ଓ ଡେବିଟ୍ କାର୍ଡ, ୬୭ଟି ସୋସିଆଲ୍ ମିଡିଆ ସମ୍ବନ୍ଧୀୟ ଠକେଇ ରହିଛି। ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିଲା ବେଳେ ମାତ୍ର ୬୦ ଲକ୍ଷ ଟଙ୍କା ଫେରାଇ ଅଣାଯାଇଛି।

ମାର୍ଚ୍ଚ ମାସରେ ୩୫୦ଟି ଠକେଇ ଅଭିଯୋଗ ଆସିଥିଲା ବେଳେ ୧୦ଟି ରୁଜୁ ହୋଇଛି। ସେଥିମଧ୍ୟରୁ ୟୁପିଆଇ ସମ୍ବନ୍ଧିତ ୧୯୩ଟି, କ୍ରେଡିଟ୍ ଓ ଡେବିଟ୍ କାର୍ଡ ଠକେଇ ୩୫ଟି ଏବଂ ସୋସିଆଲ ମିଡିଆ ଠକେଇ ୬୮ଟି ହୋଇଥିଲା। ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିଲା ବେଳେ ମାତ୍ର ୫୦ଲକ୍ଷ ଟଙ୍କା ଫେରିଛି। ସାଇବର୍ ଥାନା ଆଇଆଇସି ସନ୍ତୋଷିନୀ ବେହେରା କହିଛନ୍ତି, ଠକେଇର ୧ଘଣ୍ଟା ଭିତରେ ରିପୋର୍ଟ କଲେ ଟଙ୍କା ଫେରିପାଇବା ଆଶା ଅଧିକ ଥାଏ। ତଥାପି ଅନେକ ମାମଲାରେ ଟଙ୍କା ଫେରିବା କଷ୍ଟକର ହୋଇଥାଏ। ଯେଉଁ ମାମଲାରେ ୫ଲକ୍ଷ ଟଙ୍କା ବା ତା'ଠୁ ଊର୍ଦ୍ଧ୍ୱ ମୂଲ୍ୟର ଠକେଇ ହୋଇଥାଏ, ସେଗୁଡ଼ିକୁ ରୁଜୁ କରାଯାଇ ତୁରନ୍ତ ପଦକ୍ଷେପ ନିଆଯାଇଥାଏ। ଅନ୍ୟଗୁଡ଼ିକ କେସ୍ ଡାଏରି କରାଯାଇ ତଦନ୍ତ କରାଯାଏ।

# ନିଜ ଘରେ ନିଆଁ ଲଗାଇ ବନ୍ଧାହେଲା ନିଶାଡ଼ି



ଖଣ୍ଡଗିରି: ନିଶା ଖାଇବାକୁ ସ୍ତ୍ରୀ ଟଙ୍କା ନଦେବାରୁ କ୍ରୋଧରେ ଅନ୍ଧ ହୋଇ ସ୍ୱାମୀ ପେଟ୍ରୋଲ ଢାଳି ଘରେ ନିଆଁ ଲଗାଇଦେଇଛି। ଏହି ମାମଲାରେ ଭରତପୁର ଥାନା ପୁଲିସ ଅଭିଯୁକ୍ତ ସୁଧୀର ଦାସ(୪୦)କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ, କଳିଙ୍ଗ ନଗର କେ-୮ ଅଞ୍ଚଳରେ ଗଞ୍ଜାମ ଯୋଗାଡ଼ି ଗ୍ରାମର ସୁଧୀର ନିଜ ସ୍ତ୍ରୀ ପମି ଦାସ ଓ ପୁଅ ସହିତ ରୁହେ। ସୁଧୀର କୌଣସି କାମଧନ୍ଦା ନକରି ସବୁବେଳେ ନିଶାରେ ଚୂର୍ ରୁହେ। ରାତିରେ ନିଶାଗ୍ରସ୍ତ ହୋଇ ଘରକୁ ଫେରି ପାଟିତୁଣ୍ଡ କରିବା ସହିତ ସ୍ତ୍ରୀଙ୍କୁ ମାର୍‌ଧର କରେ। ଗତ ଶନିବାର ସ୍ତ୍ରୀ ପମିଙ୍କୁ ମଦ ପିଇବା ଲାଗି ସୁଧୀର ଟଙ୍କା ମାଗିଥିଲା। ପମି ମନା କରିଦେବାରୁ ସେ ଘରୁ ରାଗ ତମତମ ହୋଇ ଚାଲିଯାଇଥିଲା। ରାତି ପ୍ରାୟ ୧୧ଟା ସମୟରେ ସୁଧୀର ଘରକୁ ଫେରି ପାଟିତୁଣ୍ଡ ଆରମ୍ଭ କରିଦେଇଥିଲା। ସାଙ୍ଗରେ ଆଣିଥିବା ପେଟ୍ରୋଲକୁ ଘରେ ପକାଇ ନିଆଁ ଲଗାଇ ଦେଇଥିଲା। ପମି ଏହା ଜାଣିପାରି ଛୁଆକୁ ଧରି ଘର ବାହାରକୁ ପଳାଇ ଆସି ଚିତ୍କାର କରିଥିଲେ। ପଡ଼ୋଶୀ ଓ ପିସିଆର୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଘରର ବହୁ ଆସବାବପତ୍ର ଜଳି ପାଉଁଶ ହୋଇଯାଇଥିଲା। ଏନେଇ ପମି ଥାନାରେ ଅଭିଯୋଗ କରିବା ପରେ ପୁଲିସ ସୁଧୀରକୁ ଗିରଫ କରିଛି।

# କ୍ୟାପିଟାଲ୍ ହସ୍ପିଟାଲ୍: ସାଢ଼େ ୩ ମାସର ଶିଶୁ ହୃତ୍‌ପିଣ୍ଡରେ ଅସ୍ତ୍ରୋପଚାର

ଭୁବନେଶ୍ୱର: କ୍ୟାପିଟାଲ ହସ୍ପିଟାଲରେ ଆଜି ପୁଣି ଏକ ବିରଳ ଓ ଜଟିଳ ଅସ୍ତ୍ରୋପଚାର କରାଯାଇଛି। ଅପପୁଷ୍ଟି ରୋଗରେ ପୀଡ଼ିତ ସାଢ଼େ ୩ ମାସ ଶିଶୁ ପୁତ୍ରର ହୃତ୍‌ପିଣ୍ଡରେ ଥିବା ଏକ କଣାକୁ ସଫଳ ଭାବେ ଅସ୍ତ୍ରୋପଚାର କରାଯାଇଛି। ଶିଶୁ ବିଭାଗ, ନିଶ୍ଚେତକ ବିଭାଗ ଓ ହୃଦ୍‌ରୋଗ ବିଭାଗ ଡାକ୍ତର ମିଳିତ ଭାବେ ଏହି ଅସ୍ତ୍ରୋପଚାର କରିଥିଲେ। ଶିଶୁଟି ଏବେ ସୁସ୍ଥ ଥିବା ବେଳେ ଶିଶୁ ବିଭାଗର ଆଇସିୟୁରେ ଚିକିତ୍ସିତ ହେଉଛନ୍ତି।

ସୂଚନାଅନୁସାରେ କିଛି ଦିନ ତଳେ ନୟାଗଡ଼ର ଜଣେ ତିନି ମାସର ଶିଶୁ ୪ ଦିନ ହେବ କାଶ ଓ କଫରେ ପୀଡ଼ିତ ହୋଇ କ୍ୟାପିଟାଲ ହସ୍ପିଟାଲର ଶିଶୁ ବିଭାଗରେ ଭର୍ତ୍ତି ହୋଇଥିଲେ। ଶିଶୁଟି ଅପପୁଷ୍ଟି ଓ ନିମୋନିଆ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଶିଶୁର ଓଜନ ମାତ୍ର ୩.୫ କେଜି ରହିଥିଲା। ଶିଶୁ ବିଭାଗ ଡାକ୍ତର ପରୀକ୍ଷା କରିବା ପରେ ଶିଶୁର ହୃତ୍‌ପିଣ୍ଡରେ ଏକ ୮ ମିଲିମିଟର ଛିଦ୍ର ରହିଥିବା ଦେଖାଯାଇଥିଲା। ଏହା ଏକ ଜଟିଳ ଅସ୍ତ୍ରୋପଚାର ଥିବାରୁ ହସ୍ପିଟାଲ ପକ୍ଷରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇଥିଲା। ହୃଦ୍‌ରୋଗ ବିଭାଗ ମୁଖ୍ୟ ଡାକ୍ତର ପିକେ ଦାଶଙ୍କ ନେତୃତ୍ୱରେ ଏହି ଦଳ ସତର୍କତାର ସହିତ ଏହି ଜଟିଳ ଅସ୍ତ୍ରୋପଚାରକୁ ସଫଳ କରିଥିଲେ। କିଛି ଦିନ ପରେ ଶିଶୁର ଆଉ ଏକ ସାଧାରଣ ଅସ୍ତ୍ରୋପଚାର ହେବାକୁ ଥିବା ଡାକ୍ତର ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଜଟିଳ ଅସ୍ତ୍ରୋପଚାର ପାଇଁ ବାହାର ହସ୍ପିଟାଲକୁ ରେଫର କରାଯାଉଥିଲା। କିନ୍ତୁ ଏବେ ସରକାର ଉନ୍ନତ ଯନ୍ତ୍ରପାତି ଯୋଗାଇ ଦେଉଥିବାରୁ ଏହା ସହାୟତାରେ ଏଭଳି ଜଟିଳ ଅସ୍ତ୍ରୋପଚାର କ୍ୟାପିଟାଲ ହସ୍ପିଟାଲରେ ସମ୍ଭବ ହୋଇପାରିଲା ବୋଲି ଡାକ୍ତରୀ ଦଳ କହିଛି। ଏହି ଡାକ୍ତରୀ ଟିମରେ ନିଶ୍ଚେତକ ବିଭାଗ ମୁଖ୍ୟ ପ୍ରଫେସର ନିବେଦିତା ପାଣି, ପ୍ରଫେସର ରବି କୁମାର, ଶିଶୁ ବିଭାଗ ମୁଖ୍ୟ ପ୍ରଫେସର ଲିନା ଦାସ, ପ୍ରଫେସର ଆଶା ପ୍ରକାଶ ମହାପାତ୍ରଙ୍କ ସମେତ ନର୍ସିଂ ଓ କ୍ୟାଥ୍‌ଲ୍ୟାବ୍ ଟେକ୍ନିସିଆନ ପ୍ରମୁଖ ସାମିଲ ଥିଲେ।

# ରମାଦେବୀ ଯୁକ୍ତ୨ର ନିଜସ୍ୱ କ୍ୟାମ୍ପସ ନାହିଁ, ମାତ୍ର ସାଢ଼େ ୩ ଘଣ୍ଟା ପାଠପଢ଼ା



ଭୁବନେଶ୍ୱର: ୯ ବର୍ଷ ହେଲା ପରିଚୟ ଖୋଜୁଛି ରମାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ(ଯୁକ୍ତ୨ କଲେଜ)। ନା ନିଜସ୍ୱ କୋଠା ଅଛି, ନା ଅଛି କ୍ଲାସଖ୍ କରିବାର ସ୍ୱାଧୀନତା। ପ୍ରତିବର୍ଷ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ଉନ୍ନତ ଫଳ ପ୍ରଦର୍ଶନ ସତ୍ତ୍ୱେ ଶ୍ରେଣୀଗୃହ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ଅଭାବ ଦ୍ୱାରା ଦୁଇହଜାରରୁ ଅଧିକ ଛାତ୍ରୀ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜଧାନୀର କେନ୍ଦ୍ର ସ୍ଥଳରେ ଛିଡ଼ା ହୋଇଥିବା ଏହି ବିଦ୍ୟାଳୟରେ କେବଳ ଛାତ୍ରୀ ଶିକ୍ଷାଗ୍ରହଣ କରୁଥିବାରୁ ଦଶମ ପରେ ଅଭିଭାବକ ଓ ଛାତ୍ରୀ ଏଥିପ୍ରତି ଆକର୍ଷିତ ହୋଇଥାନ୍ତି। ଏହାର କଟ୍ ଅଫ୍ ମାର୍କ ଅଧିକ ଥିଲେ ସୁଦ୍ଧା ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରୁ ଶତାଧିକ ମେଧାବୀ ଛାତ୍ରୀ ଏଠାରେ ପଢ଼ିବା ପାଇଁ ଆବେଦନ କରନ୍ତି। ମାତ୍ର ଏହାର ଭିତ୍ତିଭୂମି ଅଭାବ ଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାକାର ଆଡ଼କୁ ଟାଣି ନେଉଥିବା ଅଭିଯୋଗ ହୋଇଛି।

କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷାକୁ ମିଶାଇ ଏହି ବିଦ୍ୟାଳୟରେ ୨୪୦୦ ଛାତ୍ରୀ ପଢୁଛନ୍ତି। ମାତ୍ର ନିଜସ୍ୱ ଶ୍ରେଣୀ ଗୃହ ନଥିବାରୁ ସମ୍ପୂର୍ଣ୍ଣ ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଉପରେ ନିର୍ଭର କରିବାକୁ ପଡୁଛି। ବିଶ୍ୱବିଦ୍ୟାଳୟ କ୍ଲାସ୍ ପୂର୍ବାହ୍ନ ସାଢ଼େ ୧୦ଟାରେ ଆରମ୍ଭ ହେଉଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ମାତ୍ର ସାଢ଼େ ୩ ଘଣ୍ଟାରେ ବାଧ ହୋଇ ପାଠପଢ଼ା ଶେଷ କରୁଛନ୍ତି। ନିୟମ ଅନୁଯାୟୀ ଯୁକ୍ତ୨ ପିଲାଙ୍କ ସାଧାରଣ ଭାବେ ୫ ଘଣ୍ଟା ପଢ଼ାଯିବା କଥା। ଜାତୀୟ ଶିକ୍ଷାନୀତି-୨୦୨୦ରେ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଏଠାରେ ଧନ୍ଦାମୂଳକ ଶିକ୍ଷା ପାଇଁ ସ୍ଥାୟୀ ଅଧ୍ୟାପକ କିମ୍ବା ତଳସ୍ତରର କର୍ମଚାରୀ ନାହାନ୍ତି। ଯଦିଓ ଅତିଥି ଅଧ୍ୟାପକଙ୍କ ସାହାଯ୍ୟରେ ଶିକ୍ଷାଦାନ ହେଉଛି ହେଲେ ଅନ୍ୟ କାମ କରିବାକୁ କେହି ନାହାନ୍ତି। କେବଳ ସେତିକି ନୁହେଁ, ବିଦ୍ୟାଳୟ ପରିସରରେ ଥିବା ପାଠାଗାର ପରିଚାଳନା ପାଇଁ କୌଣସି ଗ୍ରନ୍ଥାଗାରିକ କିମ୍ବା ଅନ୍ୟ କୌଣସି କର୍ମଚାରୀ ନାହାନ୍ତି। ଉଚ୍ଚବିଦ୍ୟାଳୟରେ ମାତ୍ର ଦୁଇଜଣ କିରାଣି ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଆସନ୍ତା ମେ' ମାସରେ ଅବସର ନେବେ। ଫଳରେ ଜଣେ କିରାଣି ଓ ପିଅନରେ କାମ ହେବ। ଏତେ ସଂଖ୍ୟାକ ପିଲାଙ୍କ ଛାତ୍ରବୃତ୍ତି ଫାଇଲ୍ ପରିଚାଳନା କରିବା ଅସମ୍ଭବ ହୋଇପଡ଼ିବ। ଅବ୍ୟବସ୍ଥା କେବଳ ସେତିକିରେ ଅଟକି ନାହିଁ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ ସଂଖ୍ୟକ ଛାତ୍ରୀ ଏଠାରେ ପଢ଼ିବାକୁ ଆସୁଛନ୍ତି। ମାତ୍ର ଛାତ୍ରୀନିବାସରେ ମାତ୍ର ୨୦୦ ଜଣ ରହିବାର ବ୍ୟବସ୍ଥା ଥିବାରୁଦୂରଦୂରାନ୍ତ ପିଲା କ୍ୟାମ୍ପସ୍ ବାହାରେ ରହିବାକୁ ବାଧ ହେଉଛନ୍ତି।

ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ଏହି ବିଦ୍ୟାଳୟକୁ ଅଲଗା କରିବାକୁ ୯ ବର୍ଷରେ ଏକାଧିକ ଥର ଯୋଜନା ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ। ୟୁନିଟ୍-୯ ବାଳିକା ବିଦ୍ୟାଳୟ କ୍ୟାମ୍ପସ୍‌କୁ ରମାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସ୍ଥାନାନ୍ତର ପାଇଁ ୨୦୨୩ରେ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ମାତ୍ର ଅଭିଭାବକ ଓ ଛାତ୍ରୀମାନଙ୍କ ପ୍ରବଳ ବିରୋଧ ଯୋଗୁ ପ୍ରଶାସନ ନିଷ୍ପତ୍ତିରୁ ଓହରିଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ସରୋଜଲକ୍ଷ୍ମୀ ସିଂହଙ୍କ କହିବାନୁଯାୟୀ ନିଜସ୍ୱ କୋଠା ପାଇଁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଆଲୋଚନା ହୋଇଛି। ପିଲାଙ୍କ ପାଠପଢ଼ା ପାଇଁ ଆବଶ୍ୟକ ଅଧ୍ୟାପକ ଓ ଅନ୍ୟ କର୍ମଚାରୀ ପଦବି ପାଇଁ ଚିଠି ଲେଖାଯାଇଥିବା ସେ କହିଛନ୍ତି।

CMYK

# ଲିଙ୍ଗରାଜ ମହୋତ୍ସବ ତୃତୀୟ ସନ୍ଧ୍ୟା: ନୃତ୍ୟରେ ବିମୋହିତ କଲେ କଳାକାର



ଭୁବନେଶ୍ୱର: ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ତୃତୀୟ ସନ୍ଧ୍ୟାରେ ନୃତ୍ୟରେ ବିମୋହିତ କରିଥିଲେ ବିଭିନ୍ନ କଳାକାରମାନେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚି ।କର୍ଷକ ନୃତ୍ୟକୁ ଦେଖି ଦର୍ଶକ ବିମୁଗ୍ଧ ହୋଇଥିଲେ। ପ୍ରଥମେ ଗୁରୁ ମନୋରଞ୍ଜନ ପ୍ରଧାନ ଓ ତାଙ୍କ ଦଳ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଇଷ୍ଟର୍ଣ୍ଣଜୋନ କଲଚରାଲ ସେ ର ପକ୍ଷରୁ ବିହାରର ସାକର କଳାକୀ ର୍ ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ପରେ ପରେ ବଲାଙ୍ଗୀରର ଶଙ୍କର ବେହେରା ଓ ଦଳ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। କୋଲକତାରୁ ଆସିଥିବା ଝିନୋକ ମୁଖାର୍ଜୀ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା କ୍ରିଏଟିଭ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ପରେ ଛତିଶଗଡ଼ରୁ ଆସିଥିବା କଳାକାରଙ୍କ ଦ୍ୱାରା ଝୁମର ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୁଗ୍ଧ କରିଥିଲା।

କାର୍ଯ୍ୟକ୍ରମକୁ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ରଥ ସଂଯୋଜନା କରିଥିଲେ। ଏଥିରେ କେନ୍ଦ୍ର ସରକାରଙ୍କ ପୂର୍ବତନ ସ୍ୱରାଷ୍ଟ୍ର ବିଭାଗର ସ୍ୱତନ୍ତ୍ର ସଚିବ ସୁରେଶ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ନ୍ୟୁଜ୍-୭ର ବାଙ୍ଗାଲୋର ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ ଏବଂ ଆକାଶବାଣୀ ଓ ଦୂରଦର୍ଶନର ପୂର୍ବତନ ଉପ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡା, ଉପଦେଷ୍ଟା ଶିବାନନ୍ଦ ରାୟ ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ରଥ ସଂଯୋଜନା କରିଥିଲେ। ଏଥିରେ ଅନୁଷ୍ଠାନର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ସୁଧୀର ରଞ୍ଜନ ଜେନା, ପ୍ରମୋଦ ଦାସ, ଗଣେଶ ପାଲ, ପ୍ରତାପ ପଟ୍ଟନାୟକ, ତପନ ମହାସୁଆର, ଦେବାଶିଷ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ



ଭୁବନେଶ୍ୱର: ଅଗ୍ରଣୀ ସମାଜସେବୀ ଅନୁଷ୍ଠାନ 'ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ' ପକ୍ଷରୁ କେସୁରାସ୍ଥିତ ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଫାଉଣ୍ଡେସନର ଟ୍ରଷ୍ଟି ଅକ୍ଷୟ କୁମାର ପାଣି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଏହି ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରି ଚଳିତବର୍ଷ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବା ର୍। "ସୁସ୍ଥ ଆରମ୍ଭ ଓ ଆଶାନ୍ୱିତ ଭବିଷ୍ୟତ" ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଲାୟନ ସରୋଜ କୁମାର ପଟ୍ଟନାୟକ, ଲାୟନ ବିପିନ ବିହାରୀ ନାୟକ, ସମାଜସେବୀ ନିଶାକର ରାଉତ, ବ୍ରହ୍ମାକୁମାରୀ ଅପର୍ଣ୍ଣା ଦେବୀ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ, ସୁସ୍ଥ ନାଗରିକମାନେ ହେଉଛନ୍ତି ଦେଶର ଆର୍ଥିକ ଓ ବସ୍ତୁଭି ିକ ସମ୍ବଳ। ଯେଉଁ ଦେଶର ଲୋକେ ଯେତେ ସୁସ୍ଥ ସେ ଦେଶ ସେତେ ଉନ୍ନତ ଓ ବିକଶିତ ବୋଲି ମତ ରଖିଥିଲେ। ଅନୁଷ୍ଠାନର ରାଜ୍ୟ ମୁଖ୍ୟ ରବୀନ୍ଦ୍ରନାଥ ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମିଲନ ପ୍ରଧାନ, ବାଳକୃଷ୍ଣ ରାଉତ, ସଞ୍ଜୟ କର, ରାଜସ୍ମିତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରିୟଦର୍ଶନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଚିକିତ୍ସା ପାଇଁ ବନ୍ଧା ପଡ଼ିଛି ଦିବ୍ୟାଙ୍ଗ ଦମ୍ପତିଙ୍କ ରାସନ୍ କାର୍ଡ, ଦାଦନ ଖଟିବାକୁ ଯାଇ ପୁଅର ପତ୍ତା ମିଳୁନି



ବରଗଡ଼: ବରଗଡ଼ ଜିଲ୍ଲା ପଥର୍ଲା ପଞ୍ଚାୟତ ତୁରୁଙ୍ଗା ଗ୍ରାମର ଇଲାଚି କୁମ୍ଭାର (୬୦) ଓ ସ୍ୱାମୀ ଦୁର୍ଗା କୁମ୍ଭାର (୬୫) ଏବେ ଅସହାୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଦୁଃଖ, କଷ୍ଟ ତଥା ଯନ୍ତ୍ରଣାରେ ଛଟପଟ ହୋଇ ଦୁହେଁ କେବଳ ମୃତ୍ୟୁକୁ ଚିତ୍କାର କରି ଡାକୁଛନ୍ତି। ୯ ମାସ ତଳେ ଇଲାଚିଙ୍କ ପେଟ ରୋଗ ହୋଇଥିବା ବେଳେ ଚିକିତ୍ସା ପାଇଁ ପାଖରେ ଟଙ୍କାଟିଏ ମଧ୍ୟ ନଥିଲା। ଶେଷରେ ରାସନ୍ କାର୍ଡକୁ ଜଣଙ୍କ ପାଖେ ୫ହଜାର ଟଙ୍କାରେ ବନ୍ଧା ପକାଇ ଚିକିତ୍ସା କଲେ। ସବୁ ପଇସା ସରିଗଲା, ହେଲେ ଦେହ ଭଲ ହେଲାନି। ଏପରିକି ବର୍ତ୍ତମାନ ପେଟ ରୋଗ ସହ ପକ୍ଷାଘାତରେ ପୀଡ଼ିତ ଇଲାଚି। ସେ ଓ ତାଙ୍କ ସ୍ୱାମୀ ଦୁର୍ଗା ଦୁହେଁ ଦିବ୍ୟାଙ୍ଗ। ରୋଜଗାର କହିଲେ ଏକମାତ୍ର ରାସନ୍ କାର୍ଡ ହିଁ ଭରସା ଥିଲା। ଯାହା ଏବେ ପରହାତରେ ବନ୍ଧା ପଡ଼ିଛି। ପୁଅ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇ ଆଉ ଫେରିନି। ତାକୁ ଯୋଗାଯୋଗ କରିବାର କୌଣସି ପ୍ରକାର ସାଧନ ନାହିଁ। ଘରୁ ଗଲା ବେଳେ ତାମିଲନାଡୁ ଯାଉଛି, କିଛି ପଇସା ରୋଜଗାର କରି ଆଣିଲେ ଛୋଟିଆ ଦୋକାନ ଦେଇ ତୁମମାନଙ୍କ ସେବା କରିବି ବୋଲି କହିଥିଲା। ହେଲେ ଆଜି ପର୍ଯ୍ୟନ୍ତ ତାର କୌଣସି ବି ଖୋଜଖବର ନାହିଁ। ଏପଟେ ବୁଢ଼ା ବାପା, ମା' ପଡ଼ିଶା ଲୋକଙ୍କ ଦୟାରେ ଚଳୁଛନ୍ତି। କିଛି ଖାଇବାକୁ ଦେଲେ ଖାଇଛନ୍ତି, ନହେଲେ ଉପାସ। କେତେଦିନ ହେଲା ତାଙ୍କ ଚୁଲି ଜଳିନି, ସେ ନିଜେ ବି କହିପାରୁନାହାନ୍ତି। ଦୁଃଖ ଯନ୍ତ୍ରଣାରେ ଛଟପଟ ହୋଇ ଆଉ ବଞ୍ଚିବାକୁ ଚାହୁଁ ନାହାନ୍ତି ବୋଲି ଲୁହଭରା କଣ୍ଠରେ ଉଭୟେ କହିଛନ୍ତି। ଜିଲ୍ଲା ପ୍ରଶାସନ ଏହି ଅସହାୟ ଗରିବ ଦମ୍ପତିଙ୍କୁ ତୁରନ୍ତ ଚିକିତ୍ସା କରାଇବାସହ ସରକାରୀ ସହାୟତା ଯୋଗାଇଦେବାକୁ ସଧାରଣରେ ଦାବି ହେଉଛି।

# ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲା: ରାଜ୍ୟ ସରକାରଙ୍କୁ ନୋଟିସ୍, ସ୍ନାନ ପୂର୍ଣ୍ଣିମା ପୂର୍ବରୁ ସଂପୂର୍ଣ୍ଣ ହେବ ମରାମତି

କଟକ: ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ଶ୍ରୀଜିଉଙ୍କ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ ଗଣତି ମଣତିର ଷ୍ଟାଟସ୍ ରିପୋର୍ଟ ତଲବ ପାଇଁ ଦାୟର ଅନ୍ତରୀଣ ଆବେଦନ ଉପରେ ପକ୍ଷ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ରତ୍ନଭଣ୍ଡାର ଖୋଲା ଯିବାକୁ ଇତିମଧ୍ୟରେ ୮/୯ ମାସ ବିତି ଗଲାଣି। ତେଣୁ ଗଣତି ମଣତି ପ୍ରସଂଗରେ ସରକାର ସ୍ଥିତି ସ୍ପଷ୍ଟ କରିବା ଉଚିତ। ଏ ପ୍ରସଙ୍ଗରେ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ରତ୍ନଭଣ୍ଡାର ମରାମତି ପାଇଁ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ ଶ୍ରୀମନ୍ଦିର ପରିସରରେ ଥିବା ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ହାଇକୋର୍ଟ ୭୦ ଦଶକରେ ପ୍ରସ୍ତୁତ ତାଲିକା ସହିତ ସାନି ମଣତି ଗଣତି ବେଳେ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ତୁଳନା କରାଯିବା ଉପରେ ଗୁରୁତ୍ୱାରୋପ କରିବା ସହିତ ରତ୍ନଭଣ୍ଡାର ମରାମତି ପାଇଁ ଆଉ କେତେ ଦିନ ଲାଗିବ ବୋଲି ପ୍ରଶ୍ନ କରିଥିଲେ। ସ୍ନାନପୂର୍ଣ୍ଣିମା ପୂର୍ବରୁ ମରାମତି କାର୍ଯ୍ୟ ସଂପୂର୍ଣ୍ଣ ଶେଷ ହେବାର ସମ୍ଭାବନା ରହିଛି ବୋଲି ଏଏସ୍ଆଇ ତରଫରୁ ଦର୍ଶାଯାଇଥିଲା। ଅନ୍ୟପଟେ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କରି ଜଷ୍ଟିସ୍ ରଘୁବୀର ଦାଶ କମିସନ୍ ଦାଖଲ କରିଥିବା ରିପୋର୍ଟ କ୍ୟାବିନେଟ୍‌ରେ ଉପସ୍ଥାପନ କରିବେ ବୋଲି ସରକାର ପୂର୍ବରୁ ସତ୍ୟପାଠ ଦାଖଲ କରି କହିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କେ ?ଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଏଥି ପାଇଁ କେ ?ତେ ସମୟ ସରକାରଙ୍କ ଆବଶ୍ୟକ ବୋଲି ହାଇକୋର୍ଟ ଆଜି ପ୍ରଶ୍ନ କରିଥିଲେ। ଏହି ପ୍ରସଂଗରେ ପକ୍ଷ ରଖିବାକୁ ୨ ମାସ ସମୟ ପ୍ରଦାନ କରାଯାଉ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜନସ୍ୱାର୍ଥ ମାମଲାର ଆବେଦନକାରୀ ଦିଲ୍ଲୀପ କୁମାର ବରାଳଙ୍କ ତରଫରୁ ଏକ ଅନ୍ତରୀଣ ଆବେଦନ ଦାୟର କରାଯାଇ ଶ୍ରୀଜିଉଙ୍କ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ମଣତି ପ୍ରସଂଗରେ ଏବେ କଣ ସ୍ଥିତି ରହିଛି ସେ ନେଇ ଷ୍ଟାଟସ ରିପୋର୍ଟ ତଲବ କରାଯାଉ ବୋଲି ଦର୍ଶାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# ଏଲପିଜି ପିଛା ୫୦ ଟଙ୍କା ବୃଦ୍ଧି



ନୂଆଦିଲ୍ଲୀ: ମହଙ୍ଗା ହେଲା ଘରୋଇ ଏଲପିଜି ସିଲିଣ୍ଡର। ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରାଯାଇଛି। ଘରୋଇ ୧୪ କେଜି ସିଲିଣ୍ଡର ଗ୍ୟାସ ଉପରେ ୫୦ ଟଙ୍କା ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ଏପରିକି ଉଜ୍ଜ୍ୱଳା ଯୋଜନାରେ ମିଳୁଥିବା ଗ୍ୟାସ୍ ସିଲିଣ୍ଡରର ଦାମ ମଧ୍ୟ ବଢ଼ାଇଛନ୍ତି। ମୂଲ୍ୟ ବୃଦ୍ଧି ପରେ ଏବେ ଓଡ଼ିଶାରେ ୮୭୯ ଟଙ୍କା ଦେଇ ୧୪ କେଜି ଏଲପିଜି ଗ୍ୟାସ୍ ସିଲିଣ୍ଡର କିଣିବାକୁ ପଡ଼ିବ । ପୂର୍ବରୁ ୮୨୯ ଟଙ୍କାରେ ଖାଉଟୀ ପାଉଥିଲେ। ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ହୁତୁ ହୁତୁ ହୋଇ ବଢ଼ି ଚାଲିଥିବା ବେଳେ ଗ୍ୟାସ ଦର ବୃଦ୍ଧି ଗରିବ, ମଧ୍ୟବିତ୍ତ ପରିବାରଙ୍କ ପାଇଁ କୋରଡ଼ା ମାଡ଼ ସଦୃଶ୍ୟ ହୋଇଛି।

CMYK

# ଜାଲ୍ ସାର୍ଟିଫିକେଟ କେଳେଙ୍କାରୀ: ସାକ୍ଷୀଙ୍କୁ ସମନ କଲେ ଜେଏମ୍‌ଏଫ୍‌ସି

କେନ୍ଦୁଝର: ଜାଲ୍ ସାର୍ଟିଫିକେଟ୍ ମାମଲାରେ ସାକ୍ଷୀଙ୍କୁ ସମନ କରିଛନ୍ତି ଜେଏମ୍‌ଏଫ୍‌ସି। ମଙ୍ଗଳବାର କୋର୍ଟରେ ହେବାକୁ ଥିବା ଶୁଣାଣିରେ ସମସ୍ତ ତଥ୍ୟ ସହିତ ଉପସ୍ଥିତ ହେବାକୁ ନୋଟିସ୍ ହୋଇଛି। କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍‌ର ପିଇଓଙ୍କ ଏହି ଜାଲ୍ ସାର୍ଟିଫିକେଟ୍ ମାମଲା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ସୁରେଶ କୁମାର ସେଠୀ ନାମକ ଜଣେ କର୍ମଚାରୀ ଜାଲ୍ ଯୁକ୍ତ ୨ ସଂସ୍କୃତ (ଉପଶାସ୍ତ୍ରୀ) ସାର୍ଟିଫିକେଟ୍ ପ୍ରଦାନ କରି ୨୦୧୪ରେ ପ୍ରଥମେ ସାହାରପଡ଼ା ଓ ପରେ ହାଟଡିହି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରୁଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଶ୍ରୀ ସେଠୀ ୨୦୦୬ରେ ହାଟଡିହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ଦଶମ ପାସ୍ କରିବା ପରେ ସେହିବର୍ଷ ଧରଣୀଧର କନିଷ୍ଠ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନରେ ନାମ ଲେଖାଇ ଥିଲେ। ପ୍ରଥମ ପ୍ରୟାସରେ ବିଫଳ ହେବା ପରେ ୨୦୦୯ରେ ୬୦୦ ମାର୍କରୁ ୨୭୮ ମାର୍କ (୪୬.୩୩ ପ୍ରତିଶତ) ରଖି ତୃତୀୟ ଶ୍ରେଣୀରେ ପାସ୍ କରିଥିଲେ। ତାଙ୍କର ରୋଲ୍ ନମ୍ବର ୬୧୫-ଜିଏ-୦୫୪ ଥିଲା। ପରେ ଯୁକ୍ତ ୨ ଯୋଗ୍ୟତା ବଳରେ ୨୦୦୯ରୁ ୨୦୧୨ ପର୍ଯ୍ୟନ୍ତ ଆନନ୍ଦପୁର ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନରେ ୧୮୦୦ ମାର୍କରୁ ୮୨୧ ମାର୍କ ରଖିଥିଲେ।

ଚାକିରି ପାଇଁ ଚୟନ ପ୍ରକ୍ରିୟାରେ ଯୁକ୍ତ ୨ ବିଜ୍ଞାନରେ କମ୍ ନମ୍ବର ଥିବାରୁ ଶ୍ରୀ ସେଠୀ ଠକେଇ କରି ପୁରୀ ପଞ୍ଚସଖା ସଂସ୍କୃତ ମହାବିଦ୍ୟାଳୟର ଯୁକ୍ତ ୨ ସାର୍ଟିଫିକେଟ୍ (ଉପଶାସ୍ତ୍ରୀ) ପ୍ରଦାନ କରିଥିଲେ। ସଂସ୍କୃତ ମହାବିଦ୍ୟାଳୟରେ ସେ ୨୦୦୮ରୁ ୨୦୧୦ ମସିହା ପର୍ଯ୍ୟନ୍ତ ପଢ଼ିଛନ୍ତି। ସେ ମୋଟ ୬୫୦ରୁ ୪୭୧ ମାର୍କ ରଖିଥିବା ଦର୍ଶାଇଛନ୍ତି। ସମାନ ସମୟରେ ଧରଣୀଧର ମହାବିଦ୍ୟାଳୟରୁ ଯୁକ୍ତ ୨ ବିଜ୍ଞାନ, ଆନନ୍ଦପୁର ମହାବିଦ୍ୟାଳୟରୁ ଯୁକ୍ତ ୩ ବିଜ୍ଞାନ ସହ ପୁରୀରେ ଯୁକ୍ତ ୨ ସଂସ୍କୃତ କିପରି ଅଧ୍ୟୟନ କଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ନନ୍ଦିପଦା ଥାନାର ତତ୍କାଳୀନ ଆସିଷ୍ଟାଣ୍ଟ ସବ୍‌ଇନ୍‌ସ୍ପେକ୍ଟର ନିମାଇଁ ଚରଣ ପଟ୍ଟନାୟକ ୨୦୨୦ ଜୁନ୍ ୨୮ରେ ଥାନାରେ ଅଭିଯୋଗ କରିଥିଲେ। ଶ୍ରୀ ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ନନ୍ଦିପଦା ପୁଲିସ ସୁରେଶ କୁମାର ସେଠୀଙ୍କ ବିରୋଧରେ କେସ୍ ନମ୍ବର ୭୫/୨୦୨୦ ଭାରତୀୟ ପିଙ୍ଗଳ କୋଡ୍ ଧାରା ୪୬୭, ୪୬୯, ୪୭୧, ୪୨୦(ଖ)ରେ ମାମଲା ରୁଜୁ କରିଥିଲା। ଏହି ମାମଲାରେ ସାକ୍ଷୀ ପ୍ରଦାନ ପାଇଁ କୋର୍ଟ ହରେକୃଷ୍ଣ ସେଠୀଙ୍କ ସମେତ ଅନ୍ୟମାନଙ୍କୁ ସମନ କରିଛନ୍ତି। ଶ୍ରୀ ସେଠୀ ବର୍ତ୍ତମାନ ହାଟଡିହି ବ୍ଲକ୍ ଡେଙ୍ଗା, ଅଁରା ଓ ବାଙ୍ଗୋର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଅଛନ୍ତି।

# ତେଲେନଡ଼ିହି ଖଣି ଚୋରି ମାମଲା: ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ସୁନ୍ଦରଗଡ଼: ତେଲେନଡ଼ିହି ଖଣି ଚୋରି ମାମଲାରେ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଚୋରା କୋଇଲା ଖଣିରୁ କୋଲ ୱାସେରିକୁ ଯାଉଥିଲା କି କୋଇଲା ? ସୁନ୍ଦରଗଡ଼




ଜିଲ୍ଲାପାଳ ସୁନ୍ଦରଗଡ଼ ଉପଜିଲାପାଳ, ଖଣି ଉପନିର୍ଦ୍ଦେଶକ ଓ ହେମଗିରି ତହସିଲଦାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ତିନି ଦିନ ମଧ୍ୟରେ ତଦନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ତେଲେନଡ଼ିହିର ବିଶାଳ ଚୋରା ଖଣିରୁ କୋଇଲା ଚାଲାଣ ହେଉଥିଲା। କୋଲ ୱାସେରି ଓ କୋଲ ଡିପୋମାନଙ୍କୁ ଚୋରା କୋଇଲା ଯାଉଥିବା ସନ୍ଦେହ ଉପୁଜିଛି। ଅଞ୍ଚଳର ସମସ୍ତ କୋଲ ୱାସେରି ଓ କୋଲ ଡିପୋକୁ ଯାଞ୍ଚ କରିବା ସହ ଷ୍ଟକର ହିସାବ ନେବା ପାଇଁ ସୁନ୍ଦରଗଡ଼ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯଦି ହିସାବରୁ ଅଧିକ କୋଇଲା ବାହାରିଲା, ତାହାଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସୁନ୍ଦରଗଡ଼ ଜିଲ୍ଲାପାଳ।

ତେଲେନଡ଼ିହିର ବିଶାଳ ଚୋରା ଖଣିରୁ କୋଇଲା ଚାଲାଣ ହେଉଥିଲା। କୋଲ ୱାସେରି ଓ କୋଲ ଡିପୋମାନଙ୍କୁ ଚୋରା କୋଇଲା ଯାଉଥିବା ସନ୍ଦେହ ଉପୁଜିଛି। ଅଞ୍ଚଳର ସମସ୍ତ କୋଲ ୱାସେରି ଓ କୋଲ ଡିପୋକୁ ଯାଞ୍ଚ କରିବା ସହ ଷ୍ଟକର ହିସାବ ନେବା ପାଇଁ ସୁନ୍ଦରଗଡ଼ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯଦି ହିସାବରୁ ଅଧିକ କୋଇଲା ବାହାରିଲା, ତାହାଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସୁନ୍ଦରଗଡ଼ ଜିଲ୍ଲାପାଳ।

# ବିସ୍ଥାପିତଙ୍କ ଆଖିରୁ ଲୁହ ଶୁଖୁନି: ୨୫ ବର୍ଷ ପରେ ବି ମିଳୁନି ଉପଯୁକ୍ତ କ୍ଷତିପୂରଣ



କୁଳିଅଣା: ସୁବର୍ଣ୍ଣରେଖା ନଦୀର ଜଳକୁ କୃଷି କ୍ଷେତ୍ରରେ ଉପଯୋଗ କରିବା ପାଇଁ ଆରମ୍ଭ ହୋଇଥିଲା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ। ଏବେ ଏହି ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୧ ଲକ୍ଷ ୯ ହଜାର ୬୨୭ ହେକ୍ଟର ଜମିକୁ ଜଳସେଚନ ହେଉଛି। ଏଥିପାଇଁ ୪୬.୫୦ କିମି ସୁବର୍ଣ୍ଣରେଖା ମୁଖ୍ୟ କେନାଲ, ୨୬.୨୬ କିମି ବେତନଟୀ ଶାଖା କେନାଲ, ୮୨.୪୬ କିମି ଜମ୍ବୀରା ବାମ ପାର୍ଶ୍ୱ ମୁଖ୍ୟ କେନାଲ, ୨୪.୭୮ କିମି ଜମ୍ବୀରା ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ହୋଇଛି। ଏହି ପ୍ରକଳ୍ପ ଅଧୀନରେ ହଳଦିଆ ଓ ଜମ୍ବୀରାରେ ଜଳଭଣ୍ଡାର ନିର୍ମାଣ କରାଯାଇ ପାଣିକୁ ଗଚ୍ଛିତ ରଖି ଶାଖା କେନାଲ ମାଧ୍ୟମରେ ଛଡ଼ାଯାଉଛି। ତେବେ ଲକ୍ଷ ଲକ୍ଷ ଚାଷୀଙ୍କୁ ବଳ ଦେଉଥିବା ଏହି ପ୍ରକଳ୍ପ ପାଇଁ ବିସ୍ଥାପିତ ହୋଇଥିବା ୧୦୫୨ ପରିବାର ଆଖିରୁ କିନ୍ତୁ ଲୁହ ଶୁଖୁନି। ବର୍ଷ ବର୍ଷ ଧରି ଆନ୍ଦୋଳନ ଚଳାଇଥିଲେ ବି ସେମାନେ ନିଜ ହକ୍?ରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି।

୨୦୦୭ ମସିହାରେ କୁଳିଅଣା ଓ ଶୁଳିଆପଦା ବ୍ଲକ୍ ସମୀନ୍ତବର୍ତ୍ତୀ ଦେଉଳିଠାରେ ଜମ୍ବୀରା ଜଳଭଣ୍ଡାର କାର୍ଯ୍ୟକ୍ଷମ ହୋଇଥିଲା। ଏହି ଜଳଭଣ୍ଡାର ପାଇଁ ଉଭୟ ବ୍ଲକ୍‌ର ୧୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ। କିଏ ନିଜ ଘର ସହ ଭିଟାମାଟି ହରାଇଥିଲା ତ' ଆଉ କିଏ ଚାଷଜମି। ପର୍ଯ୍ୟାୟକ୍ରମେ ସେଥିରୁ ସିଂହଭାଗ ଲୋକେ କ୍ଷତିପୂରଣ ପାଇ ସାରିଛନ୍ତି। ୧୯୯୪ ମସିହା ଥଇଥାନ ଆଇନ୍ ଅନୁଯାୟୀ ୧୩୫୨ ଜଣଙ୍କୁ ୨୦୧୦ ମସିହାରେ ସରକାରୀ ସହାୟତା ମିଳିଥିଲା। ସେହିପରି ୨୦୦୦ ମସିହା ଥଇଥାନ ଆଇନ୍ ଅନୁଯାୟୀ ୨୦୧୨ରେ ଆଉ ୫୭୭୮ଜଣଙ୍କୁ କ୍ଷତିପୂରଣ ମିଳିଥିଲା। ତେବେ ୩୬ଖଣ୍ଡ ଗାଁର ୧୦୫୨ ପରିବାର ଏବେ ବି ନିଜ ହକ୍ ପାଇନାହାନ୍ତି। ଏହି ସମସ୍ତ ପରିବାର ୪ ବର୍ଷ ତଳେ ନାଁକୁ ମାତ୍ର ଅଳ୍ପକିଛି କ୍ଷତିପୂରଣ ପାଇଥିଲେ। ହେଲେ ସେମାନଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ରାଶି ସହ ପ୍ରତି ପରିବାରର ୧୮ ବର୍ଷରୁ ଅଧିକ ଯୁବକ ଯୁବତୀଙ୍କୁ ଅଲଗା ପରିବାର ଭାବେ ଗ୍ରହଣ କରି କ୍ଷତିପୂରଣ ପ୍ରଦାନ, ପ୍ରତିଶ୍ରୁତି ଅନୁଯାୟୀ ୨ ଏକର ଚାଷ ଜମି ଓ ପରିବାରରୁ ଜଣଙ୍କୁ ଚାକିରି ପାଇଁ ବହୁବର୍ଷ ହେଲା ଲଢ଼େଇ କରିଆସୁଛି 'ଜମ୍ବୀରା ବୁଡ଼ି ସଂଘର୍ଷ ସମିତି'।

ଏନେଇ ବାରମ୍ବାର ଜିଲ୍ଲା ପ୍ରଶାସନ, ଜମ୍ବୀରା ପ୍ରକଳ୍ପ ନିର୍ଦ୍ଦେଶକ, ଥଇଥାନ ଓ ପୁନର୍ବାସ ଅଧିକାରୀଙ୍କ ସହିତ ଏକାଧିକ ଥର ଆଲୋଚନା କଲାଣି ବୁଡ଼ି ସଂଘର୍ଷ ସମିତି। ହେଲେ ପ୍ରଶାସନ ପକ୍ଷରୁ ଦାବି ପୂରଣ ପାଇଁ ଠୋସ୍ ପଦକ୍ଷେପ ନିଆଯାଉନି। ଯଦିଓ ମାସକ ପୂର୍ବେ ଅନୁଷ୍ଠିତ ବୈଠକରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିଥିଲା, ହେଲେ ସେ ଉଦ୍ୟମ କେଉଁବାଟେ ଗଲା କିଛି ଜଣାପଡୁନି। ଏପଟେ ନିଜ ହକ୍ ନ ମିଳିବା ଯାଏଁ ଲଢ଼େଇ ଜାରି ରହିବ ବୋଲି ବୁଡ଼ି ସଂଘର୍ଷ ସମିତିର ସଭାପତି ଦୁର୍ଗାଚରଣ ମାରାଣ୍ଡି, ସମ୍ପାଦକ ରାମଚନ୍ଦ୍ର ସି ପ୍ରମୁଖ କହିଛନ୍ତି।

# ଖନ୍ତାପଡ଼ା: ପାଣିରେ ପଡ଼ି ପ୍ରାଣ ହରାଇଲେ ବୃଦ୍ଧା

ଖନ୍ତାପଡ଼ା: ଖନ୍ତାପଡ଼ା ରେମୁଣା ବ୍ଲକ ତୁଣ୍ଡରା ପଞ୍ଚାୟତ ତୁଣ୍ଡରାର ଚନକ ସାହିରେ ଜଣେ ବୃଦ୍ଧା ପାଣିରେ ପଡ଼ି ପ୍ରାଣ ହରାଇଥିବା ଜଣା ପଡ଼ିଛି। ଆଜି ସକାଳେ ବଙ୍କ ଜେନାଙ୍କ ପତ୍ନୀ ଭାର୍ଗବୀ ଜେନା (୭୦) ନିକଟରେ ଥିବା ଚନକ ପୋଖରୀକୁ ଶୌଚ ହେବାପାଇଁ ଯାଇଥିବା ବେଳେ ପାଣିରେ ପଡ଼ିଯାଇଥିଲେ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଭାର୍ଗବୀ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ନିକଟରେ ଥିବା ଚନକ ପୋଖରୀରେ ଭାର୍ଗବୀ ପଡ଼ିଥିବାର ପରିବାର ଲୋକେ ଦେଖିବାକୁ ପାଇଥିଲେ।



ଆଜି ସକାଳେ ବଙ୍କ ଜେନାଙ୍କ ପତ୍ନୀ ଭାର୍ଗବୀ ଜେନା (୭୦) ନିକଟରେ ଥିବା ଚନକ ପୋଖରୀକୁ ଶୌଚ ହେବାପାଇଁ ଯାଇଥିବା ବେଳେ ପାଣିରେ ପଡ଼ିଯାଇଥିଲେ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଭାର୍ଗବୀ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ନିକଟରେ ଥିବା ଚନକ ପୋଖରୀରେ ଭାର୍ଗବୀ ପଡ଼ିଥିବାର ପରିବାର ଲୋକେ ଦେଖିବାକୁ ପାଇଥିଲେ।ସଙ୍ଗେ ସଙ୍ଗେ ଗାଡ଼ିଯୋଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ନେଇଥିଲେହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଙ୍ଗେ ସଙ୍ଗେ ଗାଡ଼ିଯୋଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ନେଇଥିଲେହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖା ହେବା ବେଳକୁ ଖନ୍ତାପଡ଼ା ଥାନାରେ ଅଭିଯୋଗ ହୋଇନଥିବା ଜଣା ପଡ଼ିଛି। ଭାର୍ଗବୀଙ୍କର ଅକାଳ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମାଫିଆଙ୍କ ଦାଦାଗିରି: ବାଲିଗାଡ଼ି ଅଟକାଇବାରୁ ପ୍ରାଣାନ୍ତକ ଆକ୍ରମଣ

ଉଦଳା-୧/କୁଳିଅଣା: ମୟୂରଭଞ୍ଜରେ ଲଘୁ ଖଣିଜ ଚାଲାଣ ବୃଦ୍ଧି ପାଉଥିବା ବେଳେ ଏହାକୁ ରୋକିପାରୁନି ପ୍ରଶାସନ। ଆଉ ସାଧାରଣ ଲୋକେ ଏହାର ବିରୋଧ କଲେ ସେମାନଙ୍କୁ ମାଫିଆଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ଜିଲ୍ଲାର ଉଦଳା ଓ କୁଳିଅଣା ବ୍ଲକ୍‌ରୁ ଏଭଳି ଦୁଇଟି ଘଟଣା ସାମ୍ନାକୁ ଆସିଛି। ଚୋରା ବାଲି ଚାଲାଣକୁ ବିରୋଧ କରିବାରୁ ବାଲି ମାଫିଆ ଜଣେ ଯୁବକଙ୍କୁ ଉଦଳା ବଜାରରେ ପ୍ରାଣାନ୍ତକ ଆକ୍ରମଣ କରିଥିବା ବେଳେ କୁଳିଅଣାରେ ପଥର ମାଫିଆ ଜଣେ ଯୁବକଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଛନ୍ତି।



ଅଭିଯୋଗ ଅନୁସାରେ, ସୋମବାର ଭୋର୍ ୪.୩୦ ସମୟରେ ଏକ ବାଲି ବୋଝେଇ ଟ୍ରାକ୍ଟର (ଓଡି-୦୧ଏଏମ-୮୨୪୪) ଉଦଳା-କପ୍ତିପଦା ମୁଖ୍ୟ ରାସ୍ତାରେ ଯାଉଥିବା ବେଳେ ଭୀମତାଳି ପଞ୍ଚାୟତ ବାଉଁଶପାଳ ଗ୍ରାମର କିଛି ଲୋକ ଅଟକାଇଥିଲେ। ଏହାପରେ ଉଦଳା ଏନ୍‌ଏସିର କିଛି ଯୁବକ ସେଠାରେ ପହଞ୍ଚି ପାଟିତୁଣ୍ଡ କରିବାରୁ ଗ୍ରାମବାସୀ ଟ୍ରାକ୍ଟରକୁ ଛାଡ଼ି ଦେଇଥିଲେ। ତେବେ ଆଜି ଦିନ ସାଢ଼େ ୧୧ଟା ସମୟରେ ଉଦଳା ଏନ୍‌ଏସିର ଦେବାଶିଷ ଘୋଷ ଓ ଶୁଭମ ମୁଖି ବାଉଁଶପାଳ ଗ୍ରାମର ବିକର୍ତ୍ତନ ପୋଇ (୨୭)ଙ୍କୁ ଫୋନ୍ କରି ଉଦଳା ଡାକିଥିଲେ। ଉଦଳା ବଜାରରେ ସେମାନେ ଗାଳିଗୁଲଜ କରିବା ସହ ବାଉଁଶରେ ମୁଣ୍ଡକୁ ପିଟିଥିଲେ। ଏହାପରେ ଦାଉଦ୍ ନାମକ ଅନ୍ୟ ଜଣେ ଯୁବକ ପହଞ୍ଚିବା ପରେ ସମସ୍ତେ ମିଶି ନିସ୍ତୁକ ମାଡ଼ ମାରିଥିଲେ ବୋଲି ବିକର୍ତ୍ତନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଦେବାଶିଷଙ୍କୁ ଗିରଫ କରିଥିବା ବେଳେ ଶୁଭମ୍ ଓ ଦାଉଦ୍ ଫେରାର ଥିବା ଉଦଳା ଥାନା ଅଧିକାରୀ ବନମାଳୀ ବାରିକ କହିଛନ୍ତି। ଉଦଳା ତହସିଲ ଅଞ୍ଚଳରେ କୌଣସି ବାଲିଘାଟକୁ ମଞ୍ଜୁରି ମିଳିନଥିବା ବେଳେ ମାଫିଆମାନେ ବେଧଡ଼କ ବାଲି ଲୁଟୁଛନ୍ତି। ଏହାକୁ ବିରୋଧ କଲେ ଆକ୍ରମଣ କରାଯିବା ଘଟଣାକୁ ବ୍ଲକ୍ ଉପାଧ୍ୟକ୍ଷ ରଜନୀ ଦାସ ଦୃଢ଼ ନିନ୍ଦା କରିଛନ୍ତି।

ସେହିପରି, ରବିବାର ରାତିରେ କୁଳିଅଣା ଥାନା ଟମକିଆଶୋଳ ମନ୍ଦିର ନିକଟରେ ବେଆଇନ ପଥର ଚାଲାଣକୁ ବିରୋଧ କରିବାରୁ ଜଣେ ଯୁବକଙ୍କୁ ମାଫିଆମାନେ ଗାଡ଼ି ଚଢ଼ାଇ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ପଥର ମାଫିଆଙ୍କ ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇ ଏବେ ବାରିପଦା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି ମଣ୍ଟୁ ନାଏକ। ପଥର ଚୋରାଚାଲାଣକୁ ବିରୋଧ କରିବାରୁ ତାଙ୍କ ଉପରେ ଗାଡ଼ି ଚଢ଼ାଇ ଦେବାକୁ ଉଦ୍ୟମ ହୋଇଥିଲା। ତେବେ ସେ କୌଣସମତେ ନିଜ ଜୀବନ ବଞ୍ଚାଇ ଚାଲି ଆସିଥିଲେ ବୋଲି ମଣ୍ଟୁ କହିଛନ୍ତି। ଚିକିତ୍ସିତ ହୋଇ ଫେରିଲେ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି । ତେବେ ମଣ୍ଟୁ ନାଏକ ଓ ଅନ୍ୟ ୬ଜଣ ଯୁବକ ତାଙ୍କ ଗାଡ଼ି ଅଟକାଇ ଦାଦା ବଟି ମାଗିଥିବା ପାଲଟା ଅଭିଯୋଗ କରିଛନ୍ତି ବାରିପଦା ରଘୁନାଥପୁର ଅଞ୍ଚଳର ପ୍ରଭାତ ରଞ୍ଜନ ବେହେରା। ଏନେଇ କୁଳିଅଣା ଥାନାରେ ୬୬/୨୫ରେ ମାମଲା ରୁଜୁ ହୋଇଛି।

# ସୁନା ୧୭୪୦, ରୁପା ୪୦୦୦ କମିଲା



ଭୁବନେଶ୍ୱର: ଶୁକ୍ରବାର ସୁନା ଓ ରୁପାର ବର୍ଦ୍ଧିତ ଦରରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଗୋଟିଏ ଦିନରେ ୨୨ କ୍ୟାରେଟ୍ ସୁନା ଦାମ୍ ୧୬୦୦ ଟଙ୍କା କମିଥିବା ବେଳେ ୨୪ କ୍ୟାରେଟ୍ ସୁନା ୧୭୪୦ ଟଙ୍କା ଶସ୍ତା ହୋଇଛି। ଫଳରେ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ଦାମ୍ ୮୪ ହଜାର ଟଙ୍କାକୁ ଖସିଆସିଛି। ଗତକାଲି ସେହି ଦାମ୍ ୮୫,୬୦୦ ଟଙ୍କା ଥିଲା। ସେହିପରି, ୨୪ କ୍ୟାରେଟ୍ ସୁନା ମୂଲ୍ୟ ୯୧,୬୪୦ ଟଙ୍କାକୁ ହ୍ରାସ ହୋଇଛି। ଦିନକ ପୂର୍ବରୁ ଏହାର ଦର ୯୩,୩୮୦ ଟଙ୍କା ଥିଲା।

ସୁନା ଦରରେ ସୁଧାର କିଣିବା ପାଇଁ ସୁଯୋଗ ସୃଷ୍ଟି କରିଥିବା ଲାଲ୍‌ଚନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି। ଆମେରିକାରେ ସୁଧ ହାର ହ୍ରାସ, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନା କିଣିବା, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ପାଇଁ ବିଶ୍ୱ ବଜାରରେ ସୁନା ଦର ପ୍ରଭାବିତ ହେଉଛି। ଯାହା ଫଳରେ ସୁନା ଦର ୧,୩୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବା ଆଶଙ୍କା ଦେଖାଦେଇଥିବା ସେ କହିଛନ୍ତି। ଆଗାମୀ ଦିନରେ ରୁପା ଦର ମଧ୍ୟ ଯଥେଷ୍ଟ ବର୍ଦ୍ଧିବାର ସମ୍ଭାବନା ଦେଖାଦେଇଛି ବୋଲି ଶ୍ରୀ ହଂସ କହିଛନ୍ତି। ସୁନା ଦର ଲକ୍ଷେ ଟଙ୍କା ଟପିବ ବୋଲି ଗତବର୍ଷ ସେ ପ୍ରଥମେ ପୂର୍ବାନୁମାନ କରିଥିଲେ। ଶୁକ୍ରବାର ଭୁବନେଶ୍ୱରରେ ରୁପାର କିଲୋପିଛା ଦାମ୍ ୪୦୦୦ ଟଙ୍କା ହ୍ରାସ ପାଇ ୧,୦୮,୦୦୦ ଟଙ୍କା ସ୍ତରକୁ ଖସିଆସିଛି। କିଛି ଦିନ ତଳେ ଏହି ଦର ୧,୧୩,୦୦୦ ଟଙ୍କା ଉପରେ ଥିଲା।


୨୦୦୦ ମସିହା ପରଠାରୁ ସୁନା ଦର ନିୟମିତ ବ୍ୟବଧାନରେ ହ୍ରାସ ବୃଦ୍ଧି ହୋଇ ଆଗକୁ ବଢ଼ିଛି। ସେହି ସମୟରେ ୧୦ ଗ୍ରାମ ସୁନାର ଦାମ୍ ଥିଲା ୪,୪୦୦ ଟଙ୍କା। ୨୦୨୫ରେ ତାହା ୯୩ ହଜାର ଟଙ୍କାରୁ ଅଧିକ ହୋଇଛି। ସୁନାରେ ନିବେଶ ବଢୁଥିବାରୁ ତାହାର ଚାହିଦା ବଢ଼ିଚାଲିଛି। ସୁନାକୁ ଲୋକମାନେ କେବଳ ଅଳଙ୍କାର ଭାବେ ନ ଦେଖି, ଉତ୍ତମ ନିବେଶର ମାଧ୍ୟମ ଭାବେ ବିଚାର କରୁଛନ୍ତି। ୨୦୦୮ରେ ବିଶ୍ୱ ଅର୍ଥନୈତିକ ସଙ୍କଟ ପାଇଁ ସୁନା ଦର ୧୩,୫୦୦ ଟଙ୍କା ଥିଲା। ୨୦୧୧ରୁ ୨୦୨୦ ଭିତରେ ଏହାର ଦାମ୍ ଦ୍ରୁତ ଗତିରେ ବଢ଼ିଥିଲା। ୨୦୨୦ ସୁଦ୍ଧା ଦର ୫୫ ହଜାର ଟଙ୍କା ହୋଇଥିଲା।

ସୁନା ଦରରେ ହେଉଥିବା ବୃଦ୍ଧିକୁ ନେଇ ଚିନ୍ତିତ ଥିବା ଗ୍ରାହକମାନଙ୍କ ଲାଗି ଲାଲ୍‌ଚନ୍ଦ ଜୁଏଲର୍ସରେ ପ୍ରି-ବୁକିଂ ସୁବିଧା ରହିଛି। ଏହା ଦ୍ୱାରା ଗ୍ରାହକମାନେ କିଛି ଅଗ୍ରୀମ ରାଶି ଦେଇ ସୁନା ଦର ଲକ୍ କରିପାରିବେ। ଆଗାମୀ ଯେକୌଣସି ଦିନରେ ସୁନା କିଣିବା ବେଳେ ଯଦି ଦର ବଢ଼ିଥିବ, ତେବେ ଗ୍ରାହକ ଜଣକ ବୁକିଂ କରିଥିବା ଦାମରେ କିଣାକିଣି କରିପାରିବେ। ଯଦି ସେହିଦିନ ସୁନା ଦର କମିଥିବ ତେବେ ତାଙ୍କୁ ଦର ହ୍ରାସର ଲାଭ ମିଳିବ। ସେ ସେହିଦିନର କମ୍ ଦାମ୍‌ରେ ସୁନା କିଣିପାରିବେ ବୋଲି ଲାଲଚନ୍ଦ ଜୁଏଲର୍ସ ପକ୍ଷରୁ କୁହାଯାଇଛି। ଲାଲ୍‌ଚନ୍ଦର ପ୍ରତ୍ୟେକ ଷ୍ଟୋର୍‌ରେ ଏମ୍‌ଏମ୍‌ଟିସି ସୁନା କଏନ୍ ମିଳୁଛି।

# ସେନ୍‌ସେକ୍ସ ୯୩୦ ପଏଣ୍ଟ ଖସିଲା

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ଉପରେ ପାଲଟା ଟିକସ ଲଗାଇବା ପରେ ସମଗ୍ର ବିଶ୍ୱର ଷ୍ଟକ୍ ବଜାର ଅସ୍ଥିର ହୋଇପଡ଼ିଛି। ସବୁଠୁ ଅଧିକ ଅସ୍ଥିର ହୋଇଛି ଆମେରିକାର ଷ୍ଟକ୍ ବଜାର। ଆମେରିକାର ଡାଓ ଜୋନ୍‌ସ ୧୦୦୦ ପଏଣ୍ଟ ହ୍ରାସ ସହ ଏହାର କାରବାର ଆରମ୍ଭ କରିଛି। ସେହିପରି ଏସ୍‌ଆଣ୍ଡପି ୫୦୦ ଓ ନାସ୍‌ଦାକ୍ ମଧ୍ୟ ୩ ପ୍ରତିଶତ ହ୍ରାସ ପାଇଛି। ଆମେରିକା ଉପରେ ଚୀନ୍ ପାଲଟା ଟିକସ ଲଗାଇବା ପରେ ଆଗକୁ ବାଣିଜ୍ୟ ଲଢ଼େଇ ତୀବ୍ର ହେବ ବୋଲି ନିବେଶକମାନେ ଆଶଙ୍କା କରୁଛନ୍ତି। ଭାରତରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୯୩୦ ପଏଣ୍ଟ ହ୍ରାସ ପାଇ ୭୫,୩୬୪ ପଏଣ୍ଟରେ ବନ୍ଦ ହୋଇଛି। ସେହି ସମୟରେ, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୩୪୫ ପଏଣ୍ଟ ହ୍ରାସ ପାଇ ୨୨,୯୦୪ ପଏଣ୍ଟରେ ବନ୍ଦ ହୋଇଛି।

# ବିଏସଏନଏଲ ଆର୍ଥାତ ଭାଇ ସାହେବ ନିଶ୍ଚିତ ଲାଗେଗା: ଉପରାଷ୍ଟ୍ରପତି



ନୂଆଦିଲ୍ଲୀ: ଗତଗୁରୁବାର ରାଜ୍ୟସଭାରେ ପ୍ରଶ୍ନକାଳ ସମୟରେ ସରକାରୀ ଟେଲିକମ୍ କମ୍ପାନି (ବିଏସଏନଏଲ) ସହ ଜଡିତ ଏକ ପ୍ରଶ୍ନର ଆଲୋଚନା ଚାଲିଥିବା ବେଳେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଦେଇଥିବା ବୟାନକୁ ନେଇ ଚର୍ଚ୍ଚାର ଜୋର ଧରିଛି।

ସରକାରୀ ଟେଲିକମ୍ କମ୍ପାନି ସହ ଜଡିତ ଏକ ପ୍ରଶ୍ନର ଆଲୋଚନା ହେଉଥିଲା ବେଳେ ଧନଖଡ଼ ମଜାରେ ବିଏସଏନଏଲର ନାମ ବଦଳାଇ କହିଲେ, ବିଏସଏନଏଲ ଅର୍ଥ ହେଉଛି - 'ଭାଇ ସାହେବ ନିଶ୍ଚିତ ଲାଗେଗା(ଭାଇ ସାହେବ ଏହା ନିଶ୍ଚିତ ଭାବେ ଲଗିବ)।' ପୂର୍ବରୁ ଗୃହରେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିର ସାଂସଦ ପ୍ରଫୁଲ ପଟେଲ କହିଥିଲେ,' ଯେ ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଘରୋଇ ଟେଲିକମ୍ କମ୍ପାନିଗୁଡ଼ିକର ନେଟୱାର୍କ ପ୍ରାୟତଃ କାମ କରେ ନାହିଁ, କିନ୍ତୁ ବିଏସଏନଏଲ ସେଠାରେ ପହଞ୍ଚି ସେବା ପ୍ରଦାନ କରୁଛି।

ପଟେଲଙ୍କ ଏ ମନ୍ତବ୍ୟକୁ ସମର୍ଥନ କରି ଧନଖଡ଼ କହିଥିଲେ, 'ଲୋକଙ୍କର ଏବେ ବି ବିଏସଏନଏଲ ସଂଯୋଗ ଉପରେ ଭରସା ଅଛି। ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ବିଏସଏନଏଲ ଅର୍ଥାତ ଭାଇ ସାହେବ ନିଶ୍ଚିତ ଲାଗେଗ।'

# ଦିନକରେ ୫ ବିୱାଇଡି 'ସିଲାୟନ୍ ୭' ହସ୍ତାନ୍ତର: ଥରେ ଚାର୍ଜ କଲେ ୫୦୦ କିମି ଯିବ



ଭୁବନେଶ୍ୱର: ପାହାଲ ସ୍ଥିତ ସେଣ୍ଟ୍ରାଲ୍ ବିୱାଇଡିରେ ଗୋଟିଏ ଦିନରେ ୫ଟି 'ସିଲାୟନ୍ ୭' ଏସ୍‌ୟୁଭି ଗ୍ରାହକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିରେ ରହିଛି ଉନ୍ନତ ବ୍ଲେଡ୍ ପ୍ରଯୁକ୍ତି, ଯାହା ଦ୍ୱାରା ଗାଡ଼ିକୁ ଥରେ ଚାର୍ଜ କଲେ ତାହା ୫୦୦ କିମିରୁ ଅଧିକ ଯାତ୍ରା କରିପାରୁଛି। ଗାଡ଼ିରେ ପରିବେଶ ଅନୁକୂଳ ଉପକରଣ ବ୍ୟବହାର କରାଯାଇଛି। ଏହାର ଡିଲିଙ୍କ ୪.୦ ଇନ୍‌ଫୋଟେନ୍‌ମେଣ୍ଟ୍ ବ୍ୟବସ୍ଥା ଅନେକ ସୁବିଧା ପ୍ରଦାନ କରୁଛି।

ସୁରକ୍ଷା ଦୃଷ୍ଟିରୁ ସିଲାୟନ୍ ୭ରେ ରହିଛି ସ୍ୱୟଂକ୍ରିୟ ଗାଡ଼ିଚାଳନା ସହାୟତା, ୩୬୦ ଡିଗ୍ରି କ୍ୟାମେରା, ଏକାଧିକ ଏୟାରବ୍ୟାଗ୍ ଯାହା ଉଭୟ ଗାଡ଼ିରେ ବସିଥିବା ଲୋକ ଓ ପଥଚାରୀଙ୍କ ସୁରକ୍ଷା ନିଶ୍ଚିତ କରୁଛି। ବିୱାଇଡିର ସିଲାୟନ୍ ୭ ଏସ୍‌ୟୁଭିର ପ୍ରାରମ୍ଭିକ ମୂଲ୍ୟ ୪୮.୯୦ ଲକ୍ଷ ଟଙ୍କା ରହିଛି। ଏହା ୬୯୦ ଏନ୍‌ଏମ୍ ଟର୍କ ଓ ୫୨୩ ବିଏଚ୍‌ପି ଶକ୍ତି ଉତ୍ପନ୍ନ କରୁଛି। ଏହା ସ୍କାଇ ହ୍ୱାଇଟ୍, କସ୍‌ମସ୍ ବ୍ଲାକ୍, ଆଟଲାଣ୍ଟିସ୍ ଗ୍ରେ ଓ ସାର୍କ ଗ୍ରେ ରଙ୍ଗରେ ଉପଲବ୍ଧ ହୋଇଛି। ଏହି ଅବସରରେ ସେଣ୍ଟ୍ରାଲ୍ ବିୱାଇଡି ଏଜିଏମ୍-ସେଲ୍‌ସ ପ୍ରତୀକ ଝା ଓ ବିକ୍ରି ପ୍ରବନ୍ଧକ ମାନସ ମିଶ୍ର ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍‌ସ-୨୦୨୫




ଭୁବନେଶ୍ୱର: ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ମିଳିତ ଆନୁକୂଲ୍ୟରେ ଶନିବାର ହୋଟେଲ ସ୍ୱସ୍ତି ପ୍ରିମିୟମରେ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡସ ୨୦୨୫ ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସିଂଦେଓ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ବ୍ୟବସାୟୀ ତଥା ଉଦ୍ୟୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟବକ୍ତା ଭାବେ ବିଗିଜ୍ ବର୍ଗରର ପ୍ରତିଷ୍ଠାତା ବିରଜା ରାଉତ ଯୋଗ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗ ଦେଇଥିବା ସମସ୍ତ ବ୍ୟବସାୟୀ ତଥା ଶିଳ୍ପପତିଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟନିର୍ବାହୀ ଆଦ୍ୟାଶା ଶତପଥୀ ସମସ୍ତଙ୍କୁ ସ୍ୱାଗତ କରି କହିଥିଲେ, ଆମେ ସମସ୍ତ ଓଡ଼ିଆ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ ଆମେ ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମର ଆୟୋଜନ କରିଛୁ। ଏହାଦ୍ୱାରା ସେମାନେ ଆହୁରି ଆଗକୁ ଯାଇ ପ୍ରତିଷ୍ଠା ଲାଭ କରିପାରିବେ। ସେହିପରି ସମ୍ପାଦକ କହିଥିଲେ, ୫ମ ବର୍ଷ ପାଇଁ ଏହି ପୁରସ୍କାର ଦେବାକୁ ଯାଉଛୁ। ଯେଉଁମାନେ କରୋନା ମହାମାରୀ ପରଠାରୁ ନିଜ ଗୋଡ଼ରେ ଠିଆ ହେବା ପାଇଁ ନୂଆ ବ୍ୟବସାୟ ଆରମ୍ଭ କରିଛନ୍ତି ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଆମେ ଏହି ପୁରସ୍କାରର ଆୟୋଜନ କରିଛୁ।

# ଇ-ସ୍କୁଟର୍‌ରେ ଡ୍ୟାସ୍‌କ୍ୟାମ୍: 'ଅଲ୍‌ଟ୍ରାଭାୟୋଲେଟି'ର ନୂଆ ଇ-ସ୍କୁଟର, ମୋଟରସାଇକଲ୍




ଭୁବନେଶ୍ୱର: ଅଲ୍‌ଟ୍ରାଭାୟୋଲେଟି ପକ୍ଷରୁ ନୂଆ ଇଲେକ୍ଟ୍ରିକ୍ ସ୍କୁଟର 'ଟେରାସେକ୍ଟ' ଓ ମୋଟରସାଇକଲ୍ 'ସକ୍‌ୱେଭ୍'କୁ ଉନ୍ମୋଚନ କରାଯାଇଛି। କମ୍ପାନିର ସହ ପ୍ରତିଷ୍ଠାତା ଓ ସିଇଓ ନାରାୟଣ ସୁବ୍ରମଣ୍ୟମ ଓ ସିଟିଓ ନିରଜ ରାଜମୋହନ ନୂଆ ଗାଡ଼ିକୁ ଉନ୍ମୋଚନ କରିଛନ୍ତି। ଟେରାସେକ୍ଟ ହେଉଛି ବିଶ୍ୱର ପ୍ରଥମ ରାଡାର୍ ସମନ୍ୱିତ ଇଲେକ୍ଟ୍ରିକ ସ୍କୁଟର। ସେଥିରେ ଡ୍ୟାସ୍‌କ୍ୟାମ୍, ଓମ୍‌ନିସେନ୍ସ ମିରର୍, ବ୍ଲାଇଣ୍ଡ୍‌ସ୍ପଟ୍ ଚିହ୍ନଟ ସୁବିଧା, ଲେନ୍ ପରିବର୍ତ୍ତନ, ଅନ୍ୟ ଗାଡ଼ିକୁ ଅତିକ୍ରମ କରିବା ବେଳେ ସହାୟତା ଓ ଦୁର୍ଘଟଣା ଆଲର୍ଟ ଓ ଏକ ୭ ଇଞ୍ଚ ଟିଏଫ୍‌ଟି ଡିସ୍‌ପ୍ଲେ ଭଳି ସୁବିଧା ରହିଛି।

ଏହାର ଦାମ୍ ୧,୪୫,୦୦୦ ଟଙ୍କା ରହିଛି। ସେହିପରି, ସକ୍‌ୱେଭ୍ ମୋଟରସାଇକଲ୍‌ର ସର୍ବାଧିକ ବେଗ ୧୫୫ କେପିଏଚ୍ ରହିଛି। ସେଥିରେ ଡୁଆଲ୍ ଚ୍ୟାନେଲ୍‌ଏବିଏସ୍ ଓ ସ୍ଥିରତା ନିୟନ୍ତ୍ରଣ ଭଳି ସୁବିଧା ରହିଛି। ଏହାର ଦାମ୍ ୧,୭୫,୦୦୦ ଟଙ୍କା ରଖାଯାଇଛି। କମ୍ପାନି ପକ୍ଷରୁ ଏଫ୍‌୭୭ ଏମ୍‌ଏସିଏଚ୍-୨ ଓ ଏଫ୍‌୭୭ ସୁପର୍‌ଷ୍ଟ୍ରିଟ୍‌କୁ ମଧ୍ୟ ଉନ୍ମୋଚନ କରାଯାଇଛି। ତାହାର ଦାମ୍ ୨,୯୯,୦୦୦ ଟଙ୍କା ରହିଛି। ସମସ୍ତ ଗାଡ଼ିର ବୁକିଂ ଗ୍ରହଣ କରାଯାଉଛି। ୨୦୨୬ ଜାନୁଆରି ସୁଦ୍ଧା ଗାଡ଼ି ଡେଲିଭରି ଆରମ୍ଭ ହେବ।

# ସ୍ୱର୍ଣ୍ଣ ପଦକ ଜିତିଲେ ଅନନ୍ତ



ଭୁବନେଶ୍ୱର: ଓଡ଼ଶା ବଡି ବିଲଡିଂ ସଂଘ ପୁରୀ ପକ୍ଷରୁ ଆୟୋଜିତ ବୀର କଳିଙ୍ଗ ପୁତ୍ର ରାଜ୍ୟସ୍ତରୀୟ ଓପନ ବଡି ବିଲଡିଂ ଚମ୍ପିୟାନଶିପ ୨୦୨୫ରେ ଭୁବନେଶ୍ୱରର ଅନନ୍ତ କୁମାର ନାୟକ ପ୍ରଥମ ସ୍ଥାନ ଅଳଙ୍କୃତ କରିବା ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତା'ସହିତ ପୁରୁଷ ଫିଜିକ୍ସରେ ମଧ୍ୟ ଟପ୍ ପାଞ୍ଚ ନମ୍ବରରେ ରହିଛନ୍ତି। ଭୁବନେଶ୍ୱର ଝାରପଡ଼ା ସ୍ଥିତ ବିଙ୍ଗଷ୍ଟ୍ରଙ୍ଗ ୨୪ଜିମରେ ଗୁରୁ ଶୁଭାଶିଷ ପାତ୍ରଙ୍କଠାରୁ ଅନନ୍ତ ଶିକ୍ଷା ଲାଭ କରୁଛନ୍ତି। ୬୫ କିଲୋଗ୍ରାମ ଓଜନର ଭାରଉତ୍ତୋଳନ କରି ଅନନ୍ତ ଏହି ସଫଳତା ହାସଲ କରିଛନ୍ତି କ୍ଷ ଆୟୋଜକ ମହାସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ସହସମ୍ପାଦକ ପ୍ରଫୁଲ୍ଲ କୁମାର ଚନ୍ଦ୍ର, ସଭାନେତ୍ରୀ ଶ୍ରୀମତୀ ସୁମିତ୍ରା ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଓଡ଼ିଶାରୁ ୧୫୦ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ବିଭିନ୍ନ ସୋପାନ ସଫଳତାର ସହ ଅତିକ୍ରମ କରି ଅନନ୍ତ ଓପନ ବଡି ବିଲଡିଂରେ ପ୍ରଥମ ସ୍ଥାନ ଅଳଙ୍କୃତ କରିବା ସହିତ ସ୍ୱର୍ଣ୍ଣ ପଦକ ହାସଲ କରି ଗୌରବ ଆଣିଛନ୍ତି। ଏହି ସଫଳତାର ଶ୍ରେୟ ସେ ତାଙ୍କ ଗୁରୁ ଏବଂ ଅନୁଷ୍ଠାନର ବୋଲି ମତ ରଖିଛନ୍ତି। ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ସୋସିଆଲ ମିଡିଆରେ ଛାଇଛନ୍ତି 'କାୟାଡୁ ଲୋହାର'

'ଡ୍ରାଗନ୍' ସିନେମାରୁ ତାମିଲ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିଥିବା 'କାୟାଡୁ ଲୋହାର' ଏବେ ସମସ୍ତ ସୋସିଆଲ ମିଡିଆରେ ଛାଇ ଯାଇଛନ୍ତି। 'ଡ୍ରାଗନ୍' ଫିଲ୍ମରେ ମୁଖ୍ୟ ନାୟିକା ଭୂମିକାରେ ନଥାଇ ମଧ୍ୟ କାୟାଡୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହିତ ସେ ନବାଗତା ଅଭିନେତ୍ରୀମାନଙ୍କ ପାଇଁ ମଧ୍ୟ ପ୍ରେରଣା ସାଜିଛନ୍ତି ଯେଉଁମାନେ ତାଙ୍କ ପରି ଏକ ମଧ୍ୟବିତ୍ତ ପରିବାରରୁ ଆସି ସିନେ ଜଗତରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିବେ।

"ନିମ୍ନ ମଧ୍ୟବିତ୍ତ ପରିବାରର ଝିଅ ପାଇଁ ତାଙ୍କ ସ୍ୱପ୍ନକୁ ଅନୁସରଣ କରିବା ଏବଂ ପୂରଣ କରିବା କଷ୍ଟକର। ତେଣୁ, ମୁଁ ନିଜ ପାଇଁ ଏହା କରିବାକୁ ଚାହୁଁଛି ଏବଂ ସେହି ଝିଅମାନଙ୍କ ପାଇଁ ଏକ ପଥ ପ୍ରସ୍ତୁତ କରିବାକୁ ଚାହୁଁଛି ଯେଉଁମାନେ ନିଜର ସ୍ୱପ୍ନ ହାସଲ କରିବାର ସ୍ୱପ୍ନ ଦେଖୁଥିବା କାୟୁଡୁ କହିଥିଲେ।" ମନୋରଞ୍ଜନ ଶିଳ୍ପରେ ତାଙ୍କର ଯାତ୍ରା ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ତାଙ୍କ ମାଆ ତାଙ୍କୁ ଟାଇମ୍ସ ଫ୍ରେସ୍ ଫେସ୍ ସିଜିନ୍ ୧୨ ରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ।

ସୋବିଜରେ ତାଙ୍କର କ୍ୟାରିଅର ଆରମ୍ଭ କରିବାର ସୁଯୋଗ ଦେବା ପାଇଁ ଏହି ପ୍ଲାଟଫର୍ମକୁ ଶ୍ରେୟ ଦେଇ କାୟୁଡୁ ପ୍ରକାଶ



କରିଥିଲେ, "କଲେଜ ସମୟରେ, ମୋ ମାଆ ମୋତେ ଟାଇମ୍ସ ଫ୍ରେସ୍ ଫେସ୍ ସିଜିନ୍ ୧୨ ରେ ଅଂଶଗ୍ରହଣ କରିବାକୁ କହିଥିଲେ, କାରଣ ଏହା ଛୁଟିଦିନ ଥିଲା। ମୁଁ ଅଂଶଗ୍ରହଣ କରିଥିଲି ଏବଂ ପ୍ରତିଯୋଗିତା ଜିତିଥିଲି, ଏବଂ ସେତେବେଳେ ଜଣେ କାଷ୍ଟିଂ ନିର୍ଦ୍ଦେଶକ ମୋ ସହିତ ଏକ ବିଜ୍ଞାପନ ପାଇଁ ଯୋଗାଯୋଗ କରିଥିଲେ। ଖୁବ୍ ଶୀଘ୍ର, ମୁଁ ମୋର ପ୍ରଥମ କନ୍ନଡ ଫିଲ୍ମ (ମୁଗିଲପେଟ୍) କରିବାକୁ ପାଇଲି।"

ଯଦିଓ ସେ ତାଙ୍କର ପ୍ରାରମ୍ଭିକ ପରିଣତ ବୟସରେ ସିନେ ଜଗତରେ ପ୍ରବେଶ କରିଛନ୍ତି, ଅଭିନୟ ପ୍ରତି ତାଙ୍କର ଭଲପାଇବା ପାଞ୍ଚ କିମ୍ବା ଛଅ ବର୍ଷ ବୟସରୁ ଆରମ୍ଭ ହୋଇଥିଲା। ଏହି ସାକ୍ଷାତକାରରେ, ୨୪ ବର୍ଷୀୟ ଅଭିନେତ୍ରୀ ମନେ ପକାଇଥିଲେ ଯେ ସେ କିପରି ଛୈୟା ଛୈୟା ଗୀତରେ ନାଚି ମାଧୁରୀ ଦୀକ୍ଷିତ ଏବଂ ଶ୍ରୀଦେବୀଙ୍କୁ ଅନୁକରଣ କରୁଥିଲେ। ଅଭିନୟ କରିବାକୁ ଚାହୁଁଥିଲେ କି ନାହିଁ ତାହା ନିଷ୍ପତ୍ତି ନେବା ପାଇଁ ତାଙ୍କୁ ସମୟ ଲାଗିଥିଲା, କିନ୍ତୁ କୟାଡୁଙ୍କ ପାଖରେ ସବୁବେଳେ ଏକ ଦକ୍ଷତା ଥିଲା। ସେ ଜାଣି ନଥିଲେ ଯେ ପ୍ରାୟ ଦୁଇ ଦଶନ୍ଧି ପରେ, ସେ ଶିଳ୍ପର ଉଦୀୟମାନ ପ୍ରତିଭାମାନଙ୍କ ମଧ୍ୟରେ ସାମିଲ ହେବେ।

ତେବେ 'ଡ୍ରାଗନ'ର ସଫଳତା ବିଷୟରେ କହିବାକୁ ଗଲେ, କାୟାଡୁ କହିଛନ୍ତି, "ଡ୍ରାଗନକୁ ଯେଉଁ ପ୍ରତିକ୍ରିୟା ମିଳିଛି ତାହା ଅବାସ୍ତବ। ନିର୍ଦ୍ଦେଶକ ଏବଂ ପ୍ରଯୋଜକମାନେ ଏବେ ମୋ ଭିତରେ ସମ୍ଭାବନା ଦେଖୁଛନ୍ତି। ଡ୍ରାଗନ ପୂର୍ବରୁ, କାୟାଡୁ କିଏ ତାହା କେହି ଜାଣି ନଥିଲେ। ବର୍ତ୍ତମାନ, ଦର୍ଶକମାନେ ଫିଲ୍ମରେ ମୋର ଚରିତ୍ରକୁ ଭଲ ପାଉଛନ୍ତି ଏବଂ ମୋତେ କାୟାଡୁ ଭାବରେ ଜାଣନ୍ତି। ଏହାକୁ ପୂରଣ କରିବା ବହୁତ କଷ୍ଟକର। ଏବଂ ମୁଁ ଯେଉଁ ପ୍ରକାରର ପ୍ରୋଜେକ୍ଟ ପାଉଛି ଯାହା ମୁଁ ସବୁବେଳେ ସ୍ୱପ୍ନ ଦେଖିଛି, ତେଣୁ ମୁଁ ଏହି ସବୁ ଭଲପାଇବା ପାଇଁ ମୁଁ ବହୁତ ଖୁସି।"

# 'ଇଣ୍ଡିଆନ୍ ଆଇଡଲ୍ ୧୫'ର ବିଜେତା ହେଲେ ମାନସୀ



ନୂଆଦିଲ୍ଲୀ: ସୋନି ଟିଭିରେ ପ୍ରସାରିତ ଲୋକପ୍ରିୟ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ' 'ଇଣ୍ଡିଆନ୍ ଆଇଡଲ୍ ୧୫'ର ଗ୍ରାଣ୍ଡ ଫିନାଲେ ଶେଷ ହୋଇ ଯାଇଛି । ଏହି ସିଜିନରେ ମାନସୀ ଘୋଷ ବିଜୟୀ ହୋଇଛନ୍ତି। କୋଲକାତାର ମାନସୀ ବିଜୟୀ ହେବାପରେ ତାଙ୍କୁ ୨୫ ଲକ୍ଷ ଟଙ୍କା ଏବଂ ଏକ ନୂତନ କାର ମଧ୍ୟ ମିଳିଛି। କେବଳ ଏତିକି ନୁହେଁ, ମାନସୀ ଘୋଷ 'ସୁପର ସିଙ୍ଗର'ର ପ୍ରଥମ ରନର୍ସଅପ୍ ମଧ୍ୟ ହୋଇଛନ୍ତି। ଏହି ସୋ' ପ୍ରାୟ ପାଞ୍ଚ ମାସ ଧରି ଦର୍ଶକଙ୍କୁ ଖୁବ ମନୋରଞ୍ଜନ କରି ଆସିଥିଲା।

ଫାଇନାଲରେ ଟ୍ରଫି ପାଇଁ ତିନିଜଣ ଶ୍ରେଷ୍ଠ ଫାଇନାଲିଷ୍ଟ ମାନସୀ ଘୋଷ, ଶୁଭୋଜିତ ଚକ୍ରବର୍ତ୍ତୀ ଏବଂ ସ୍ନେହା ଶଙ୍କରଙ୍କ ମଧ୍ୟରେ କଡ଼ା ପ୍ରତିଯୋଗିତା ହୋଇଥିଲା। ଏହି ତିନିଜଣ ନିଜ କଣ୍ଠସ୍ୱରରେ ସମସ୍ତଙ୍କ ହୃଦୟ ଜିତିଥିଲେ, କିନ୍ତୁ ମାନସୀ ଘୋଷ ବିଜେତା ହୋଇଥିଲେ।

ବିଜୟୀ ହେବାପରେ ମାନସୀ ଭାବପ୍ରବଣ ହୋଇଯାଇଥିଲେ। ସେ ତାଙ୍କ ପରିବାରକୁ ମଞ୍ଚକୁ ଡାକିଥିଲେ। ଏହି ସମୟରେ ବିଚାରପତିମାନେ ମାନସୀଙ୍କୁ ପ୍ରଶଂସା କରିବା ସହିତ ଆଗାମୀ ଜୀବନ ଉଜ୍ଜ୍ୱଳ ହେଉ ବୋଲି ଆଶୀର୍ବାଦ ମଧ୍ୟ କରିଥିଲେ। ଇଣ୍ଡିଆନ୍ ଆଇଡଲର ଅଫିସିଆଲ୍ ସୋସିଆଲ ମିଡିଆ ଆକାଉଣ୍ଟରେ ମଧ୍ୟ ବିଜେତା କିଏ ହେଲା ତାହାର ଘୋଷଣା କରାଯାଇଛି।

ଏକ୍ସ (ଟ୍ୱିଟ) ମାଧ୍ୟମରେ , 'ଇଣ୍ଡିଆନ୍ ଆଇଡଲ୍ ସିଜିନ୍' ୧୫ ଜିତିବା ପରେ ମାନସୀ ଘୋଷଙ୍କୁ ଅନେକ ଅନେକ ଅଭିନନ୍ଦନ ଜଣାଇବା ସହିତ କଣ୍ଠଶିଳ୍ପୀଙ୍କ ସ୍ୱର ଏବଂ ତାରଙ୍କର ଏହି ଯାତ୍ରାକୁ ସ୍ମରଣୀୟ ବୋଲି କୁହାଯାଇଛି। ଏଥିସହିତ ମାନସୀ ପ୍ରକୃତରେ ଏହି ବିଜୟର ଯୋଗ୍ୟ, ସେ ପ୍ରତ୍ୟେକ ଅଧ୍ୟାୟରେ ଚମତ୍କାର ପ୍ରଦର୍ଶନ କରିଥିବା ନେଇ ଉଲ୍ଲେଖ କରାଯାଇଛି।

# ସଲମାନ ଭାଇ ମୋତେ ହାରିଯିବାକୁ ଦେଇନଥିଲେ: ମିମୋହ ଚକ୍ରବର୍ତ୍ତୀ



ମୁମ୍ବାଇ: ବଲିଉଡ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କ ବଡ଼ ପୁଅ ମିମୋହ ଚକ୍ରବର୍ତ୍ତୀ ତାଙ୍କ ଫିଲ୍ମ କ୍ୟାରିୟରରେ ବହୁତ ସଂଘର୍ଷ କରିଛନ୍ତି। ଅନେକ ସଂଘର୍ଷ ପରେ ବି ସେ ତାଙ୍କ ପିତାଙ୍କ ପରି ଲୋକପ୍ରିୟ ହୋଇପାରିନାହାନ୍ତି। ଅନେକ ଫିଲ୍ମ ଫ୍ଲପ୍ ହେବା ପରେ ଏବେ ମିମୋହ ଚକ୍ରବର୍ତ୍ତୀ, ନିର୍ଦ୍ଦେଶକ ନୀରଜ ପାଣ୍ଡେଙ୍କ ନେଟଫ୍ଲିକ୍ସ ୱେବ୍ ସିରିଜ୍ 'ଖାକି: ଦି ବେଙ୍ଗଲ୍ ଚାପ୍ଟର'ରେ ନଜର ଆସିଛନ୍ତି। ଏହି ୱେବ୍ ସିରିଜ୍‌ର ପ୍ରଚାର ବେଳେ ସାକ୍ଷାତକାର ଦେଇ ଅଭିନେତା, ସୁପରଷ୍ଟାର ସଲମାନ ଖାନଙ୍କ ସହ ତାଙ୍କର ସମ୍ପର୍କ ଏବଂ ସେ ତାଙ୍କୁ କିପରି ସମର୍ଥନ କରିଛନ୍ତି ସେ ବିଷୟରେ କହିଛନ୍ତି। ମିମୋହ କହିଛନ୍ତି ଯେ, 'ସଲମାନ ଭାଇ ମୋତେ ବହୁତ ସାହାଯ୍ୟ କରିଛନ୍ତି। ସେ ସବୁବେଳେ ମୋ ସହିତ ଠିଆ ହୋଇଛନ୍ତି। ସେ ମୋ ବଡ଼ ଭାଇ ପରି। ମୋ ବାପାଙ୍କୁ ସେ ବହୁତ ଭଲ ପାଆନ୍ତି। ମୋତେ ସମର୍ଥନ କରିବାକୁ ଯାଇ ସଲମାନ ଭାଇ ମୋ ବାପାଙ୍କୁ କହିଥିଲେ ଯେ, ତାଙ୍କର ଫିଲ୍ମ 'ପାର୍ଟନର' ରିଲିଜ୍ ହେଲେ ପ୍ରେକ୍ଷାଳୟରେ ମୋର ଡେବ୍ୟୁ ଫିଲ୍ମ 'ଜିମି'ର ଟିଜର ପ୍ରଥମେ ପରଦାରେ ଚାଲିବ। ତାହା ହିଁ ହୋଇଥିଲା। ତାଙ୍କ ଫିଲ୍ମ ସହିତ ମୋ ଫିଲ୍ମର ଟିଜର ଦେଖିଥିଲେ ଦର୍ଶକ। ହେଲେ ଫିଲ୍ମଟି ଫ୍ଲପ୍ ହୋଇଥିଲା। ଏହା ପରେ ମୁଁ ଅନେକ ଫିଲ୍ମ କରିଛି, ହେଲେ ସଫଳ ହୋଇନାହିଁ। କିନ୍ତୁ ଅସଫଳତା ମଧ୍ୟରେ ମୋତେ ସଲମାନ ଭାଇଙ୍କ ସାହାଯ୍ୟ ମିଳିଛି। ସେ ମୋତେ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରିଛନ୍ତି। ସବୁବେଳେ ନିଜ ଉପରେ ଭରସା କରିବାକୁ କହିଛନ୍ତି।'

# ଅନେକ ରୋଗକୁ ଦୂରେଇ ଦିଏ ମନ୍ଦାର



ଆପଣଙ୍କ ବଗିଚାରେ ଉଜ୍ଜ୍ୱଳ ଲାଲ, ଧଳା, ଗୋଲାପୀ, ହଳଦିଆ ଏବଂ କମଳା ରଙ୍ଗର ଫୁଲ, ଯାହାକୁ ହିବିସ୍କସ ବା ମନ୍ଦାର କୁହାଯାଏ, ସହଜରେ ଫୁଟିଥିବା ଦେଖିହେବ। ଦେବୀ-ଦେବତାଙ୍କ ପ୍ରିୟ ହେବା ବ୍ୟତୀତ, ଆୟୁର୍ବେଦରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମଧ୍ୟ ଅଛି କାରଣ ଏହା ଔଷଧୀୟ ଗୁଣରେ ଭରପୁର। ଏହା କେବଳ ଶରୀରର ଅନେକ ବିକାରକୁ ଦୂର କରିବାରେ ସକ୍ଷମ ନୁହେଁ ବରଂ ସେହି ରୋଗରୁ ଉପଶମ ବି ଦେଇଥାଏ। ମନ୍ଦାର ମାନବ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ଏବଂ ଆୟୁର୍ବେଦ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହାର ନିୟମିତ ସେବନ ଅନେକ ସମସ୍ୟାରୁ ମୁକ୍ତି ଦେଇଥାଏ।

ପଞ୍ଜାବର ବାବେସ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ହସ୍ପିଟାଲର ଈଇଗଝ (ଗଉ) ପ୍ରମୋଦ ଆନନ୍ଦ ତିୱାରୀ କହିଛନ୍ତି ଯେ ଏହି ଫୁଲ ଔଷଧୀୟ ଗୁଣରେ ଭରପୁର। ଏଗୁଡ଼ିକୁ ହିବିସ୍କସ ବା ମନ୍ଦାର କୁହାଯାଏ। ସେ କହିଥିଲେ ଯେ ଲାଲ, ଧଳା, ଗୋଲାପୀ, କମଳା ଏବଂ ହଳଦିଆ ରଙ୍ଗରେ ମିଳୁଥିବା ହିବିସ୍କସ ଦେଖିବାକୁ ସୁନ୍ଦର, ଦେବତାମାନେ ଏହାକୁ ଭଲ ପାଆନ୍ତି ଏବଂ ଏହା ଔଷଧୀୟ ଗୁଣରେ ପରିପୂର୍ଣ୍ଣ।

ଆୟୁର୍ବେଦରେ, ମନ୍ଦାରକୁ ଜପା ଭାବରେ ମଧ୍ୟ ଜଣାଯାଏ। ପୂଜା ବ୍ୟତୀତ, ଏହି ଫୁଲକୁ ଅନେକ ରୋଗର ଚିକିତ୍ସାରେ ମଧ୍ୟ ବ୍ୟବହାର କରାଯାଏ। ଏହା କେଶ ସମସ୍ୟା ପାଇଁ ଲାଭଦାୟକ। ଏହାର ଫୁଲର ପଲ୍ପକୁ କେଶରେ ଲଗାଇବା ଦ୍ୱାରା ଡ୍ୟାଣ୍ଡ୍ରପ ବା ରୁପି ସମସ୍ୟା ଦୂର ହୁଏ ଏବଂ କେଶରେ ଚମକ ଆସେ। ଏହାକୁ ଆମଳା ପାଉଡର ସହିତ ମିଶାଇ ଲଗାଇବା ଦ୍ୱାରା ମଧ୍ୟ କେଶ ଦୀର୍ଘ ସମୟ ପାଇଁ କଳା ରହିଥାଏ।

ଆୟୁର୍ବେଦଚାର୍ଯ୍ୟ କହିଥିଲେ ଯେ ଅଧିକାଂଶ ସମସ୍ୟା ନିଦ ଅଭାବରୁ ହୋଇଥାଏ। ଅନିଦ୍ରା ପୀଡିତ ଲୋକଙ୍କ ପାଇଁ ମଧ୍ୟ ଏହା ବହୁତ ଲାଭଦାୟକ। ସେ କହିଥିଲେ, 'ମନ୍ଦାର ଫୁଲରୁ ତିଆରି ସରବତ ପିଇବା ଦ୍ୱାରା ଅନିଦ୍ରା ଦୂର ହୁଏ। ଫୁଲଗୁଡ଼ିକୁ ଚିନି କ୍ୟାଣ୍ଡି ସହିତ ମିଶାଇ ସରବତ ପ୍ରସ୍ତୁତ କରାଯିବା ଉଚିତ। ମନେରଖନ୍ତୁ ଏଥିପାଇଁ ସବୁବେଳେ ତାଜା ଫୁଲ ବ୍ୟବହାର କରନ୍ତୁ।

ବୈଦ୍ୟ ଜୀ ମହିଳାମାନଙ୍କ ମଧ୍ୟରେ ଲ୍ୟୁକୋରିଆ ସମସ୍ୟା ବିଷୟରେ ମଧ୍ୟ କହିଥିଲେ। ସେ କହିଥିଲେ ଯେ ମନ୍ଦାର କଢ଼କୁ ପେସି ପିଇଲେ ଲ୍ୟୁକୋରିଆ ସମସ୍ୟାରୁ ମୁକ୍ତି ମିଳିଥାଏ। ନିୟମିତ ଭାବରେ ସକାଳେ ଏବଂ ସାରେ କ୍ଷୀର ସହିତ ଏହି ଫୁଲର ପାଉଡର ସେବନ କରିବା ଦ୍ୱାରା ଶରୀରରେ ରକ୍ତ ଅଭାବ ଦୂର ହୁଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଲ୍ୟୁକୋରିଆ ସହିତ, ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ସମସ୍ୟାର ମଧ୍ୟ ଶତ୍ରୁ। ଏହାର ସେବନ ରୋଗରେ ଆରାମ ପ୍ରଦାନ କରେ।

ଡାକ୍ତର ତିୱାରୀ କହିଛନ୍ତି ଯେ ଯଦି ପେଟ ସଫା ନ ଥାଏ ତେବେ ଏହାର ପ୍ରଭାବରେ ପାଟିରେ ଫୋଟକା ହୋଇଥାଏ, ଯାହାଫଳରେ ଖାଦ୍ୟ, ପାଣି କିମ୍ବା ଅନ୍ୟ କିଛି ଖାଇବାକୁ କଷ୍ଟକର କରିଥାଏ। ସେ କହିଥିଲେ, 'ମୁଖ ଘା' ଭଲ କରିବା ପାଇଁ, ମନ୍ଦାର ମୂଳ ଖାଇବା ଉଚିତ। ମୂଳ ସଫା କରିବା ପରେ, ଏହାକୁ ଛୋଟ ଛୋଟ ଖଣ୍ଡ କରି କାଟି ପାଟିରେ ପାନ ପତ୍ର ପରି ଚୋବାଇ ଖାଇବା ଉଚିତ। ଏହା ପାଟି ଘା' ଭଲ କରେ। ଫୁଲ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟରୁ ମଧ୍ୟ ମୁକ୍ତି ମିଳିଥାଏ। ଅଧିକ ଜ୍ୱର ହେଲେ, ଏହାର ପତ୍ରରୁ ତିଆରି ଏକ କାଢ଼ା ସେବନ କରିବା ଉଚିତ। ଏହା କେବଳ ଜ୍ୱର ଭଲ କରେ ନାହିଁ, ବରଂ କାଶ ଏବଂ ଥଣ୍ଡାରେ ମଧ୍ୟ ଆରାମ ପ୍ରଦାନ କରେ। ଜହ୍ନର ହୃଦରୋଗ ଭଲ କରିବା ପାଇଁ ମଧ୍ୟ ଏହାର ବ୍ୟବହାର କରାଯାଏ।

News Desk- Mob : 94374-04455, 0674- 2597909, Contact Address : VIC-12/1, Unit-1, Bapuji Nagar, Bhubaneswar.
Advt.,Circulation & Sales - 94398- 30788, E- mail ID : amarajdhani@gmail.com,

Printed, Published, Owned & Edited by Sri Rabi Das, Published from VIC-12/1, Unit-1, Bhubaneswar-751009, Orissa and Printed at Mallhar Publications, D-1/1, Mancheswar I.E. Bhubaneswar-751010.

Editor : Rabi Das

ସମ୍ପାଦକ - ରବି ଦାସ

CMYK